# ଇଭିଏମ୍‌ରେ ସିଲ୍ ପ୍ରାର୍ଥୀଙ୍କ ଭାଗ୍ୟ

## ବୁଥରେ ବିଭିନ୍ନ ସମସ୍ୟା କେତେକ ସ୍ଥାନରେ ବିଳମ୍ବରେ ଆରମ୍ଭ







**ସମ୍ବଲପୁର, ୨୪।୫(ସମିସ)**

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ରହିଥିଲା। ସମ୍ବଲପୁର ଲୋକସଭା ସହ ଏହା ଅଧୀନରେ ଥିବା ସମ୍ବଲପୁର, ରେଙ୍ଗାଲି, କୁଚିଣ୍ଡା, ରେଢ଼ାଖୋଲ, ଦେବଗଡ଼, ଆଠମଲ୍ଲିକ ଓ ଛେଣ୍ଡିପଦାରେ ମତଦାନ ହୋଇଛି। ଅବାଧ ଓ ନିରପେକ୍ଷ ମତଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସବୁ ପ୍ରକାର ସୁବିଧା କରାଯାଇଥିଲା। ବୁଥ କେନ୍ଦ୍ର ଗୁଡିକରେ ବିଭିନ୍ନ ସମସ୍ୟା ରହିଥିଲା। ପାଣି, ବିଜୁଳି ନଥିବା ବେଳେ ଭୋଟରଙ୍କ ପାଇଁ ଆବଶ୍ୟକ ଛାଇ ବ୍ୟବସ୍ଥା ମଧ ନଥିଲା। ଅନ୍ୟପଟେ ଇଭିଏମରେ ତ୍ରୁଟି କିମ୍ବା ପରିଚାଳନାରେ ସମସ୍ୟା ଯୋଗୁଁ କେତେକ ବୁଥରେ ବିଳମ୍ବରେ ଭୋଟ ଗ୍ରହଣ ହୋଇଥିଲା। ଯାହାକୁ ନେଇ ଭୋଟରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଶାସନ ପାଖରେ ଅଭିଯୋଗ ମଧ କରିଥିଲେ। ପରେ ସମାଧାନ ମଧ ହୋଇଥିଲା। ସକାଳୁ ଲମ୍ବା ଲାଇନ ରହିଥିଲା। ହେଲେ ମଧ୍ୟାହ୍ନ ସମୟରେ ଖରା ଓ ଗୁଳୁଗୁଳି ଯୋଗୁଁ ଭିଡ କମି ଯାଇଥିଲା। ଅପରାହ୍ନ ପରେ ଭିଡ ଦେଖିବାକୁ ମିଳିଥିଲା। ଜିଲ୍ଲାର କେତେକ ବୁଥରେ ରାତି ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିଥିଲା।

ସମ୍ବଲପୁର ଲୋକସଭା ସହିତ ଜିଲ୍ଲାର ୪ଟି ବିଧାନସଭା ଆସନ ପାଇଁ ଆଜି ଭୋଟ ଗ୍ରହଣ ହୋଇଥିଲା। ଇଭିଏମରେ ଭୋଟରଙ୍କ ମତ ସିଲ ହୋଇଛି। କେଉଁ ପ୍ରାର୍ଥୀଙ୍କ ସମ୍ମାନ ରଖିଛନ୍ତି କାହାକୁ ବହୁମତ ମିଳିଛି ତାହା ଜୁନ ୪ ତାରିଖ ଜଣାପଡ଼ିବ। ଲୋକସଭା ଆସନରେ ୧୪ ଜଣ ପ୍ରାର୍ଥୀ ରହିଛନ୍ତି। ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେଡି ପକ୍ଷରୁ ବିଧାୟକ ପ୍ରବଣ ପ୍ରକାଶ ଦାଶ (ବବି) ଓ କଂଗ୍ରେସ ପକ୍ଷରୁ ପୂର୍ବତନ ସାଂସଦ ନଗେନ୍ଦ୍ର କୁମାର ପ୍ରଧାନ ପ୍ରାର୍ଥୀ ରହିଛନ୍ତି। ସେହିଭଳି ବହୁଜନ ସମାଜପାର୍ଟିର ସଦାନନ୍ଦ ରଣବିଡ଼ା, ରାଷ୍ଟ୍ରୀୟ ମାନବ ପାର୍ଟିର ଖଗେଶ୍ୱର ବେହେରା, ସୋସିଲିଷ୍ଟ ୟୁନିଟି ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)ର ନବକିଶୋର ପ୍ରଧାନ, କୋଶଳ ଜନତା ଦଳ ପକ୍ଷରୁ ପୁରୁଷୋମ ପାତ୍ର, ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟି ପକ୍ଷରୁ ରାକେଶ ବାଗ୍, ନେସନାଲ ଜନଦଳ ପକ୍ଷରୁ ସୁବାଷ କୁମାର ମହାପାତ୍ର, ପଶ୍ଚିମାଳ ବିକାଶ ପାର୍ଟି ପକ୍ଷରୁ ଲକ୍ଷ୍ମଣ କୁମାର ଭୋଇ ପ୍ରାର୍ଥୀ ହୋଇଥିବା ବେଳେ ଆତ୍ମାରାମ ସୂପକାର, ଜ୍ଞାନେନ୍ଦ୍ର ବେହେରା, ସୁଶୀଲ କୁମାର ବାବୁ ଏବଂ ଶ୍ରୀରାମ ପାଣ୍ଡେ ପ୍ରାର୍ଥୀ ତାଲିକାରେ ରହିଛନ୍ତି। ସମ୍ବଲପୁର ବିଧାନସଭା ଆସନ ପାଇଁ ଚୂଡ଼ାନ୍ତ ତାଲିକାରେ ଥିବା ୯ ଜଣ ପ୍ରାର୍ଥୀ ହେଲେ ବିଜେପିର ଜୟନାରାୟଣ ମିଶ୍ର, ବିଜେଡ଼ିର ରୋହିତ ପୂଜାରୀ, ଜାତୀୟ କଂଗ୍ରେସର ଦୁର୍ଗା ପ୍ରସାଦ ପାଢ଼ୀ, ବିଏସ୍‌ପିର ଅନୀଲ ନାୟକ, ସମାଜବାଦୀ ପାର୍ଟିର ଅନୀଲ କୁମାର ଯାଦବ, ନନ୍ଦୀକିଶୋର ମେହେର। ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଭାସ ପୃଷେଠ୍, ମହେଶ ଶର୍ମା ଏବଂ ରାମକୃଷ୍ଣ ଶାସନୀ ରହିଛନ୍ତି। ରେଙ୍ଗାଲି ବିଧାନସଭା ଆସନ ପାଇଁ ୧୦ ଜଣ ପ୍ରାର୍ଥୀ ସେମାନେ ହେଲେ ନାଉରୀ ନାୟକ ବିଜେପି, ସୁଦର୍ଶନ ହରିପାଲ ବିଜେଡ଼ି, ଦିଲୀପ କୁମାର ଦୁରିଆ କଂଗ୍ରେସ, ସୀତାକାନ୍ତ ରୋହିଦାସ ଆମ ଆଦମୀ ପାର୍ଟି, ହମିଦ ପ୍ରସାଦ ଲୁହା ପଶ୍ଚିମାଞ୍ଚଳ ବିକାଶ ପାର୍ଟି, ଆନନ୍ଦିନୀ ବେସନ ବହୁଜନ ସମାଜ ପାର୍ଟି, ଉକର କଲେତ ଭାରତୀୟ ନ୍ୟାୟ ଅଧିକାର ପାର୍ଟି, ବସୁଦେବ ସୁନାନୀ ସ୍ୱାଧୀନ, ସୁଶାନ୍ତ କୁମାର ଡନସନା ସ୍ୱାଧୀନ, ଲଙ୍କେଶ ରାବଣ ସ୍ୱାଧୀନ, ପ୍ରାର୍ଥୀ ଭାବେ ରହିଛନ୍ତି। କୁଚିଣ୍ଡା ସଂରକ୍ଷିତ ଆସନରେ ୪ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ମଇଦାନରେ ରହିଛନ୍ତି। ସେମାନେ ହେଲେ ବିଜେଡ଼ିର ରାଜେନ୍ଦ୍ର କୁମାର ଛତ୍ରିଆ, ବିଜେପିର ରବିନାରାୟଣ ନାୟକ, ଜାତୀୟ କଂଗ୍ରେସର କେଦାରନାଥ ବରିହା ଏବଂ ସ୍ୱାଧୀନ ପ୍ରାର୍ଥୀ ମିନାକ୍ଷୀ ମାଝୀ। ସେହିଭଳି ରେଢ଼ାଖୋଲ ବିଧାନସଭା ଆସନରେ ୭ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ରହିଛନ୍ତି। ଏଠାରେ ବିଜେଡ଼ିରୁ ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସର ଆସଫ୍ ଅଲ୍ଲୀ ଖାନ୍, ବିଜେପିର ଦେବେନ୍ଦ୍ର ମହାପାତ୍ର, ବହୁଜନ ସମାଜ ପାର୍ଟିର ପ୍ରଭାକର ରଣଜିତ, କଳିଙ୍ଗ ସେନାର ମନୋଜ କୁମାର ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଶ୍ରୟ ମହାନନ୍ଦ ଏବଂ ସଞ୍ଜୀତ କୁମାର ବବଙ୍ଗା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ରହିଛନ୍ତି। ସୂଚନାଯୋଗ୍ୟ ଯେ, ର୍ବମାନ ସମ୍ବଲପୁର ଲୋକସଭା ଆସନ ବିଜେପି ହାତରେ ରହିଥିବା ବେଳେ ୪ ବିଧାନସଭା ଆସନ ମଧ୍ୟରୁ ସମ୍ବଲପୁର ଓ ରେଙ୍ଗାଲିରେ ବିଜେପି ଏବଂ ରେଢ଼ାଖୋଲ ଓ କୁଚିଣ୍ଡାରେ ବିଜେଡ଼ି ବିଧାୟକ ଅଛନ୍ତି।

### କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ

## ବୁଥ୍‌ରେ ଉତ୍ତେଜନା, ମାର୍‌ପିଟ ଅଭିଯୋଗ

**ସମ୍ବଲପୁର, ୨୫।୫(ସମିସ):** ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇଥିବା ବେଳେ ପୁଲିସ ପକ୍ଷରୁ କଡା ବ୍ୟବସ୍ଥା ହୋଇଥିଲା। ହେଲେ କେତେକ ବୁଥ ଭିତରେ ଓ ବାହାରେ ଗଣ୍ଡଗୋଳ ହୋଇଥିଲା। କ୍ଷେତରାଜପୁରରେ ବୁଥ ପରିସରରେ ଦୁଇ ଗୋଷ୍ଠି ଭିତରେ ମାଡପିଟ ହୋଇଥିଲା। ଘଟଣା ସ୍ଥଳରେ ପୁଲିସ ବରିଷ୍ଠ ଅଧିକାରୀ ପହଞ୍ଚିଥିଲେ। ଉଭୟ ଗୋଷ୍ଠିକୁ ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସେହିପରି ରେଙ୍ଗାଲି ବିଧାନସଭା କେତେକ ସ୍ଥାନରେ ସମାନ୍ୟ ଗଣ୍ଡାଗୋଳ ଖବର ଆସିଥିଲା। ନାକଟିଦେଉଳରେ ମାଡପିଟ ହୋଇଥିଲା। ଗୋଟିଏ ଗୋଷ୍ଠିର ୨ ଜଣ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ନିରପେକ୍ଷ ଅବାଧ ନିର୍ବାଚନ ପାଇଁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପୁଲିସ ମୁତାୟନ ଥିଲେ। ହେଲେ ଅସମାଜିକ ତତ୍ତ୍ୱମାନେ ଆଶାନ୍ତ ପରିବେଷ ସୃଷ୍ଟି କରୁଥିଲେ। ପୁଲିସ ନିୟନ୍ତ୍ରଣ କରିଥିଲା। ଆସନ୍ତା କାଲି ସନ୍ଧ୍ୟା ସୁଦ୍ଧା ୧୪୪ ଧାରା ବଳବତ୍ତର ରହିବ। ଜିଲ୍ଲାରେ ବିଭିନ୍ନ ବୁଥରେ ମୁଖ୍ୟତଃ ମତଦାତାଙ୍କ ପାଇଁ ସୁବିଧା ଓ ସୁରକ୍ଷିତ ଭାବେ ମତ ସାବ୍ୟସ୍ତ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାରେ ନିର୍ବାଚନ ସମୟରେ ସୁରକ୍ଷା ବ୍ୟବସ୍ଥାରେ ୨୮୦୦ ଜଣ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିବା ବେଳେ ଜିଲ୍ଲାର ୬୦ ପ୍ରତିଶତ ବୁଥରେ ମତଦାନ ପ୍ରକ୍ରିୟାକୁ ୱେବ କାଷ୍ଟିଂ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାରେ ମୋଟ ୯୪୮ ବୁଥ ଥିବା ବେଳେ ଏଥିରେ ୧୧୨ଟି ସଖି ବୁଥ (ପିଙ୍କ ବୁଥ), ୧୮ ୯ ଆଦର୍ଶ ବୁଥ ଓ ଗୋଟିଏ ଭିନ୍ନକ୍ଷମ ବୁଥର ବ୍ୟବସ୍ଥା ରହିଥିଲା। ଏଥି ସହ ସମଗ୍ର ଜିଲ୍ଲାରେ ପୁଲିସ ପକ୍ଷରୁ ୧୮୦ ସ୍ଥାନକୁ ସମ୍ବେଦନଶୀଳ ସ୍ଥାନ ଭାବରେ ଚିହ୍ନଟ ହୋଇଥିଲା। ସମ୍ବଲପୁର ଜିଲ୍ଲାରେ ଗଣତନ୍ତ୍ରର ମହାପର୍ବକୁ ସୁରୁଖୁରୁରେ ସମ୍ପନ୍ନ ହୋଇଛି।

## ମତଦାନ ପାଇଁ ଦୁବାଇରୁ ଆସିଲେ ସମ୍ବଲପୁର

**ସମ୍ବଲପୁର, ୨୫।୫(ସମିସ):** ଦୁବେଇରେ ବସବାସ କରୁଥିବା ସମ୍ବଲପୁରର ପ୍ରିୟଦର୍ଶୀ ପାଣିଗ୍ରାହୀ ଗଣତନ୍ତ୍ର ମହାନ ପର୍ବରେ ସାମିଲ ହୋଇ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ସମ୍ବଲପୁର ଆସିଛନ୍ତି। ୨୦ ଘଣ୍ଟାର ଯାତ୍ରା କରିଛନ୍ତି ଯାହା ଚର୍ଚ୍ଚା ବିଷୟ ହୋଇଥିଲା।ଦୁବାଇରୁ ବିମାନ ଯୋଗେ କୋଲକତା ଆଉ ସେଠାରୁ ଟ୍ରେନରେ ଆସି ଝାରସୁଗୁଡ଼ାରେ ଓହ୍ଲାଇଥିଲେ। ଝାରସୁଗୁଡ଼ାରୁ ସଡ଼କ ପଥରେ ଆସି ସମ୍ବଲପୁରରେ ପହଞ୍ଚିଥିଲେ। ଘରେ କିଛି ସମୟର ବିଶ୍ରାମ ପରେ ସକାଳ ୧୧ଟା ୩୦ରେ ସମ୍ବଲପୁର ସହରର ବୁଥାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବୁଥ ନମ୍ବର ୧୭୧ରେ ପହଞ୍ଚି ଗାଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଥିଲେ। ପୂର୍ବତନ ମନ୍ତ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ପୁଅ ତଥା ୨୦୦୮ରୁ ପ୍ରବାସୀ ଭାରତୀୟ ଭାବେ ଦୁବେଇରେ ରହି ଆସୁଛନ୍ତି। ମତଦାନ ଦେବା ପରେ ସେ କହିଛନ୍ତିଯେ, ସମ୍ବଲପୁର ସହିତ ନିବିଡ଼ ସମ୍ପର୍କ ରହିଆସିଛି। ଏଣୁ ଏଠାରେ ଭୋଟ୍ ଦେବାକୁ ଆସିବା ତାଙ୍କ ପାଇଁ ଅତ୍ୟନ୍ତ ଗୌରବର କଥା। ଭୋଟ ଦେବା ଖାଲି ଏକ ସୁଯୋଗ ନୁହେଁ। ଏହା ଆମର ଦେଶ ଏବଂ ଆମ ଜନ୍ମଭୂମି ପ୍ରତି ଏକ ଦାୟିତ୍ୱ। ମୋର ଦାୟିତ୍ୱବୋଧ ବୋଲି ଭାବିଥାଏ। ପ୍ରତ୍ୟେକ ଭୋଟ ଗୁରୁତ୍ୱପୂର୍ଣ୍ଣ ଅଟେ। ଏଣୁ ବିଶ୍ୱର ଯେଉଁଠି ବସବାସ କରୁଥିଲେ ବି ଏଥିରେ ଅଂଶଗ୍ରହଣ କରିବା ଓ ସାମିଲ ହେବାକୁ ପ୍ରାଥମିକତା ଦେବା ଉଚିତ ବୋଲି ସେ କହିଛନ୍ତି। ପ୍ରିୟଦର୍ଶୀ ଆସନ୍ତାକାଲି ପୁଣି ଦୁବାଇ ଫେରିଯିବେ। ହେଲେ କେବଳ ଭୋଟ୍ ଦେବା ଲାଗି ସମ୍ବଲପୁରକୁ ଆସି ଦୁବାଇ ଫେରିଯିବା ପାଇଁ ପ୍ରାୟ ୩୩ ଘଣ୍ଟାର ଯାତ୍ରା କରିବାକୁ ପଡ଼ିବ। ବିମାନ, ପୁଣି ଟ୍ରେନ ଓ ସଡ଼କ ପଥରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ନିଜ ମାଟିରେ ପହଞ୍ଚି ଭୋଟ୍ ଦେଇଛନ୍ତି ପ୍ରିୟଦର୍ଶୀ ଯାହାକୁ ନେଇ ଗଣତନ୍ତ୍ରରେ ମତଦାନ କରିବା କେତେ ବଡ ଦାୟିତ୍ୱ ତାହା ପ୍ରମାଣିତ କରିଛନ୍ତି। ପ୍ରିୟଦର୍ଶୀ ଏବଂ ତାଙ୍କ ବଡ଼ ଝିଅ ତିସ୍ୟା ଖ୍ୟାତନାମା ସ୍କୁବା ଡାଇଭର ଭାବେ ଜଣାଶୁଣା।




## ଗଦାଧରପୁରରେ ଗୋଷ୍ଠୀ ସଂଘର୍ଷ



**ନାକଟିଦେଉଳ, ୨୫।୫(ସମିସ):** ନାକଟିଦେଉଳ ବ୍ଲକର ଗଦାଧରପୁର ଗ୍ରାମରେ ମତଦାନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇ ଜଣେ ଗୁରୁତର ଆହତ ହୋଇଥିବା ଜଣା ପଡ଼ିଛି। ସୂଚନା ଅନୁସାରେ ଆଜି ବ୍ଲକର ୨୩୨ ନଂ ମତଦାନ କେନ୍ଦ୍ର ଗଦାଧରପୁର ଠାରେ ମତଦାନ ଚାଲୁଥିବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଶୁଭବ୍ରତ ପଣ୍ଡା ଗୁରୁତର ହୋଇ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ଏ ନେଇ ଶ୍ରୀମନ୍ତ ରଣା, ସୁର ବେହେରା, ଡାକ୍ତର ବେହେରା, ଟଙ୍କଧର ବେହେରାଙ୍କ ନାମରେ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି।

## ରେଙ୍ଗାଲିରେ ଶାନ୍ତିପୂର୍ଣ୍ଣ ମତଦାନ

**ରେଙ୍ଗାଲି, ୨୫।୫(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକରେ ଶାନ୍ତି ପୂର୍ଣ୍ଣ ଭାବରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଯୋଗୁଁ ଅଧଘଣ୍ଟାରୁ ଏକ ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ରେଙ୍ଗାଲି ବ୍ଲକରେ ଶାନ୍ତିପୂର୍ଣ୍ଣ ରହିଥିଲା ମତଦାନ। ରେଙ୍ଗାଲି ବ୍ଲକରେ ପ୍ରାୟ ୭୫ ଶତକଡା ମତଦାନ ହୋଇଥିବାର ଜଣାପଡ଼ିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ରେଙ୍ଗାଲି ବ୍ଲକର କତରବଗା, କୂର୍ଲା, ମଙ୍ଗଳପୁରରେ ମତଦାନ ଚାଲିଥିବାର ଜଣାପଡ଼ିଛି।




## ସମାସିଂହା ଆଶ୍ରମ ବିଦ୍ୟାଳୟ ବୁଥକୁ ପଥର ମାଡ଼



**ରେଢ଼ାଖୋଲ, ୨୫।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳିଗଡ଼ ପଞ୍ଚାୟତ ଅଧୀନ ସାମସିଂହା ଗ୍ରାମ ଆଶ୍ରମ ବିଦ୍ୟାଳୟ ପରିସର ୧୬୫ ନମ୍ବର ମତଦାନ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ ହୋଇଥିଲା। ହେଲେ ଶେଷ ସମୟରେ କେତେକ ଦୁର୍ବୃତ୍ତ ମତଦାନ କେନ୍ଦ୍ରକୁ ପଥର ମାଡ଼ କରିଛନ୍ତି। ଏଥିରେ ବୁଥର ପୋଲିଂ କର୍ମଚାରୀ ମାନେ ଭୟଭୀତ ଅବସ୍ଥାରେ ରହି ରେଢ଼ାଖୋଲ ପୁଲିସକୁ ଖବର ଦେଇଥିଲେ। ସୂଚନା ଯୋଗ୍ୟ ଯେ ଏହି ବୁଥରେ ୭.୪୫ ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ମତଦାନ ସାରିବା ପରେ କିଛି ଦୁବୃର୍ତ୍ତ ବୁଥ ଭିତରକୁ ପଥର ମାଡ଼ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ପୁଲିସ ଦୁର୍ବୃତ୍ତଙ୍କୁ ପିଛା କରିଥିଲେ ହେଲେ ସେମାନେ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ପୋଲିଂ କର୍ମଚାରୀମାନଙ୍କ ସହିତ ଇଭିଏମ ମେସିନ ସୁରକ୍ଷିତ ଭାବରେ ଉଦ୍ଧାର କରି ଷ୍ଟ୍ରଙ୍ଗ ରୁମରେ ପହଞ୍ଚାଇଥିଲେ।

## ଗଣତନ୍ତ୍ରର ମହାନ ପର୍ବରେ ମତଦାତାଙ୍କ ଉତ୍ସାହ

**ରେଢ଼ାଖୋଲ, ୨୫।୫(ସମିସ)**

ଭାରତ ଗଣତନ୍ତ୍ରର ନିର୍ବାଚନ ମହାନ ପର୍ବରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଆଜି ସଂଧ୍ୟା ୬ ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ, ରେଢ଼ାଖୋଲ ବିଧାନସଭା ଅଧୀନରେ ୨୫୨ଟି ମତଦାନ କେନ୍ଦ୍ରରେ ପ୍ରାୟ ଶତକଡା ୬୬ ପ୍ରତିଶତ ଭୋଟର୍ ନିଜ ମତ ସାବ୍ୟସ୍ତ କରିଛନ୍ତି। ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ସକାଳ ୭ ଟାରୁ ଅପରାହ୍ନ ୪ ଟା ଯାଏଁ ଭୋଟରଙ୍କ ପାଇଁ ମତଦାନ କେନ୍ଦ୍ରର ବାହାର ଗେଟ୍ ଖୋଲା ଯାଇଥିଲା। କିନ୍ତୁ ଭୋଟ କେନ୍ଦ୍ର ଭିତରେ ମତଦାତାଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ପ୍ରାୟତଃ ଶାନ୍ତି ପୂର୍ଣ୍ଣ ମତଦାନ ହୋଇଥିବା ବେଳେ କିଛି କିଛି ବୁଥ ଗୁଡିକରେ ବିଭିନ୍ନ ପ୍ରକାର ସମସ୍ୟା ଦେଖିବାକୁ ମିଳିଥିଲା। କେତେକ ବୁଥରେ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଆଉ କିଛି ବୁଥରେ ରାତ୍ରି ପର୍ଯ୍ୟନ୍ତ ମତଦାନ ଗ୍ରହଣ କରାଯାଇଥିଲା। ରେଢ଼ାଖୋଲ ବିଧାନସଭାର କିଛି ବୁଥରେ ଇଭିଏମ୍ ମେସିନ ଅଚଳ ଯୋଗୁଁ କିଛିଟା ସମସ୍ୟା ଦେଖାଇଥିଲେ ହେଁ ପରବର୍ତ୍ତୀ ସମୟରେ ମତଦାନ ହୋଇଥିଲା। ସବୁଠାରୁ ବଡ଼କଥା ହୋମ ଭୋଟିଂ ଲିଷ୍ଟରେ କିଛି ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ନାମ ନ ଥିବା ଯୋଗୁଁ ମତଦାନ କରି ପାରିନଥିଲେ। ସେମାନେ ମଧ ବହୁତ କଷ୍ଟରେ ଭୋଟ କେନ୍ଦ୍ରକୁ ଆସି ସମସ୍ତ ପ୍ରକାର ସହାୟତା ସହଯୋଗରେ ନିଜ ଅଧିକାର ମତ ସାବସ୍ତ୍ୟ କରିଥିଲେ। ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର ସୁବିଧା କରାଯାଇଥିଲେ ମଧ କିଛି ବୁଥରେ ପାନୀୟ ଜଳର ସମସ୍ୟା ଦେଖିବାକୁ ମିଳିଥିଲା। ମୁଖ୍ୟତଃ ବୁଥ ଗୁଡିକରେ ଛୋଟ ଟେଣ୍ଟ ସହିତ ପ୍ରଚଣ୍ଡ ଗରମରୁ ରକ୍ଷା ପାଇବା ପାଇଁ ଫ୍ୟାନ ବ୍ୟବସ୍ଥା ନ ଥିଲା। ସାଧାରଣ ଜନତା ପ୍ରବଳ ଗରମରେ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳୁଛି। ଚଳିତ ନିର୍ବାଚନରେ ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭ ଜଣ ପ୍ରାର୍ଥୀ ନିର୍ବାଚନୀ ମଇଦାନରେ ପ୍ରତିଯୋଗିତା କରୁଛନ୍ତି। ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ୧୦୧୪୬୪ ପୁରୁଷ ଭୋଟର ରହିଥିବା ବେଳେ ୧୦୦୮୬୩ ମହିଳା ଏବଂ ୧୬ ଜଣ ତୃତୀୟ ଲିଙ୍ଗ ସହ ମୋଟ ୨୦୨୩୪୩ ଭୋଟର ରହିଛନ୍ତି। ସେହିପରି ଯୁବ ଭୋଟର ସଂଖ୍ୟା ୫୪୬୭, ଭିନ୍ନକ୍ଷମ ଭୋଟର ସଂଖ୍ୟା ୫୩୨୯ ଜଣ ରହିଥିଲେ। ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ୨୫୨ଟି ବୁଥ୍‌ରେ ମତଦାନ କରିଛନ୍ତି ଭୋଟର୍। ୫୦ ଟି ମଡେଲ ବୁଥ୍ ମଧ୍ୟରୁ ସଖି ବୁଥ ୧୫ ଟି, ଯୁବ ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ବୁଥ ୪ ଟି, ଭିନ୍ନକ୍ଷମ ଅଧିକାରୀ ମାନଙ୍କ ଦ୍ୱାରା ପରିଚାଳିତ ବୁଥ ୦୧, ପରିବେଶ ଅନୁକୂଳ ବୁଥ ୩ ଟି, ଏଥିନିକ ଥିମ ବେଶ ବୁଥ ୨ ଟି ସହ ଅନ୍ୟ ଗୁଡିକ ଥିମ ବେଶ ବୁଥ ରହିଥିଲା। ସେହିପରି ୧୮ ଗୋଟି ସମ୍ବେଦନଶୀଳ ବୁଥ୍ ରହିଥିଲା। ସମଗ୍ର ନିର୍ବାଚନକୁ ନିରପେକ୍ଷ ଭାବରେ ସମ୍ପୂର୍ଣ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ଉପରେ ପ୍ରଶାସନ ଗୁରୁତ୍ୱାରୋପ କରିଥିବା ବେଳେ କିଛି ବୁଥରେ ଇଭିଏମ ମେସିନରେ ତୃଟି ଯୋଗୁଁ ଭୋଟରଙ୍କ ମଧ୍ୟରେ ଅଶାନ୍ତି ସହ ପ୍ରଶାସନ ସହିତ କୋଳାହଳ ଦେଖା ଦେଇଥିଲା।





## କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ୭୯.୨୪ ପ୍ରତିଶତ ମତଦାନ



**କୁଚିଣ୍ଡା, ୨୫।୫(ସମିସ):** ସାଧାରଣ ନିର୍ବାଚନ ପାଇଁ କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ଆଜି ମତଦାନ ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବମୋଟ ୭୯.୨୪ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ଶନିବାର ସକାଳ ୭ଟା ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଚାଲିଥିବା ବିଭିନ୍ନ ମତଦାନ କେନ୍ଦ୍ର ଗୁଡିକରେ ଭୋଟର ମାନେ ସେମାନଙ୍କର ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। କୁଚିଣ୍ଡା, ବାମରା, ଜମନକିରା ଓ କୁଚିଣ୍ଡା ଏନଏସିକୁ ନେଇ ଗଠିତ କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ କାଁ ଭାଁ ପାଟି ତୁଣ୍ଡକୁ ଛାଡି ଦେଲେ ସମ୍ପୂର୍ଣ୍ଣ ଶାନ୍ତି ପୂର୍ଣ୍ଣ ଭାବେ ମତଦାନ ଅନୁଷ୍ଠିତ ହୋଇଯାଇଛି। ମତଦାତା ମାନେ ସକାଳୁ ବୁଥରେ ପହଞ୍ଚି ଧାଡିରେ ରହି ନିଜ ମତ ସାବ୍ୟସ୍ତ କରିଥିଲେ। ପ୍ରାୟ ଅପରାହ୍ନ ୩ ଟା ବେଳେ ବର୍ଷା ଯୋଗୁଁ ସାମାନ୍ୟ ବାଧାପ୍ରାପ୍ତ ହୋଇଥିଲା। ତଥାପି ଭୋଟର ବର୍ଷାକୁ ଖାତିର ନକରି ମତଦାନ କେନ୍ଦ୍ରକୁ ଯାଇ ମତଦାନ କରିଥିଲେ।

# ୨୦୨୪ ସାଧାରଣ ନିର୍ବାଚନ ଝଲକ











**ପୁଲିଂ ପାର୍ଟି ବସ ଦୁର୍ଘଟଣା**

## ୨ ଗୁରୁତର, ୧୮ କର୍ମଚାରୀ ଆହତ

**ସମ୍ବଲପୁର, ୨୫।୫ (ସମିସ):** ସମ୍ବଲପୁର ତିଲେଇବଣି ଜାତୀୟ ରାଜପଥ ୫୩ ଜମନକିରା ଥାନା ବଡରମା ଘାଟିରେ ପୋଲିଂ ପାର୍ଟିଙ୍କୁ ନେଇ ଫେରୁଥିବା ବସ ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ପ୍ରାୟ ୧୮ଜଣ ପୋଲିଂ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ହୋଇଥିବାରୁ ବୁର୍ଲା ଭିମସାର୍ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଯାତାୟତ ପ୍ରଭାବିତ ହୋଇଥିଲା। ଦୁର୍ଘଟଣାର ଖବର ପାଇ ଜମନକିରା ପୁଲିସ ପହଞ୍ଚି ତଦନ୍ତ କରିଛି।

ସୂଚନାଯୋଗ୍ୟ ଯେ, କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀର ପୋଲିଂ କର୍ମଚାରୀ ମତଦାନ ପାଇଁ ମୁଣ୍ଡେନପାଲି-୧,୨ ବୁଥ ନଂ ୨୫୮, ୨୫୯ ଓ ସାପଲତ ବୁଥ୍ ନଂ-୨୬୦ରେ ପୋଲିଂ କର୍ମଚାରୀ ମାନେ ମତଦାନ କାର୍ଯ୍ୟ ଶେଷ କରି ଇଭିଏମ ସହ ବସ (ଓଡି୧୫ଜି୩୦୧୦)ରେ କୁଚିଣ୍ଡା ଫେରୁଥିଲେ। ରାସ୍ତା ଉପରେ ଛିଡା ହୋଇଥିବା ଅନ୍ୟ ଏକ ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଅନ୍ୟ ଏକ ଗାଡିରେ ଆହତ କର୍ମଚାରୀଙ୍କ ସହିତ ଇଭିଏମ ମେସିନ ଷ୍ଟ୍ରଙ୍ଗରୁମକୁ ନିଆଯାଇଥିଲା। ଆହତଙ୍କ ପରିଚୟ ମିଳିପାରି ନାହିଁ। ସମସ୍ତ ଇଭିଏମ୍ ସୁରକ୍ଷିତ ଭାବେ ଷ୍ଟ୍ରଙ୍ଗରୁମରେ ପହଞ୍ଚିଥିବା ଜଣାପଡିଛି।





## ପ୍ରବଳ ଗୁଳୁଗୁଳି ସ୍ୱତ୍ତେ ମତଦାନ ହାର ସ୍ୱାଭାବିକ

**ସମ୍ବଲପୁର, ୨୫।୫ (ସମିସ):** ସମ୍ବଲପୁର ଜିଲ୍ଲାରେ ଆଜି ପ୍ରବଳ ଗୁଳୁଗୁଳି ଯୋଗୁଁ ଲୋକେ ଅତିଷ୍ଟ ହୋଇ ପଡ଼ିଥିଲେ। ଫଳରେ ମତଦାନ କେନ୍ଦ୍ର ଗୁଡ଼ିକରେ ଆଶାନୁରୂପ ମତଦାନ ହୋଇନଥିବା କୁହାଯାଉଛି। ଯଦିଓ ତାପମାତ୍ରା କମ ରହିଥିଲା ତେବେ ଗୁଳୁଗୁଳି ଅଧିକ ମାତ୍ରାରେ ଅନୁଭୂତ ହେଉଥିଲା ଭୋଟକେନ୍ଦ୍ର ଗୁଡ଼ିକରେ ଗୁଳୁଗୁଳି ଯୋଗୁଁ ବହୁ ଭୋଟର ଧାଡ଼ିରେ ଦୀର୍ଘ ସମୟ ଛିଡ଼ା ହୋଇନପାରି ଫେରି ଆସୁଥିବା ଦେଖା ଯାଇଥିଲା। ବହୁ ମତଦାନ କେନ୍ଦ୍ରରେ ପଙ୍ଖା, କୁଲର ସହିତ ପିଇବା ପାଣିର ଘୋର ସମସ୍ୟା ଦେଖା ଯାଇଥିଲା। ଅନେକ ବୁଥରେ ଛାଇ ନଥିବାରୁ ଭୋଟର ମାନେ ଅପେକ୍ଷା କରିବା ମଧ୍ୟ ସମ୍ଭବ ନଥିଲା। ବୁଥ ମଧ୍ୟରେ ପଙ୍ଖା କିମ୍ବା କୁଲର କୌଣସି ବ୍ୟବସ୍ଥା ନଥିବାରୁ ପୋଲିଂ ଅଧିକାରୀ ମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ଭୋଟର ତାଲିକାରୁ ବାଦ ପଡ଼ିଲେ ଭୋଟର

**ମତଦାନ କେନ୍ଦ୍ରରେ ଅସନ୍ତୋଷ ବ୍ୟକ୍ତ କରି ଫେରିଗଲେ**

**ସମ୍ବଲପୁର, ୨୫।୫ (ସମିସ):** ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀର ୪ ଗୋଟି ବିଧାନସଭା ସମ୍ବଲପୁର, ରେଙ୍ଗାଲି, କୁଚିଣ୍ଡା ଓ ରେଢ଼ାଖୋଲରେ ଭୋଟ ଗ୍ରହଣ ହୋଇଛି। ଅନେକ ବୁଥରେ ଭୋଟରଙ୍କ ନାମ ନଥିବାରୁ ସେମାନେ ଭୋଟ ଦେଇନପାରି ଫେରି ଆସିଥିବା ଅଭିଯୋଗ ହୋଇଛି। ଭୋଟ ତାଲିକାରେ ନାମ କଟି ଯାଇଛି ତ କେଉଁଠି ଚିରକୁଟି ପାଇ ନଥିବା ଅଭିଯୋଗ ହୋଇଛି। ସମାଜିକ ଗଣ ମାଧ୍ୟମରେ ଅନେକ ବ୍ୟକ୍ତି ଏଲଭି ଘଟଣାରେ ଅସନ୍ତୋଷ ପ୍ରକଟ କରିଛନ୍ତି।



## ହୀରାକୁଦରେ ଶାନ୍ତିଶୃଙ୍ଖଳାରେ ମତଦାନ ସମ୍ପନ୍ନ



**ହୀରାକୁଦ, ୨୫।୫(ସମିସ):** ସମ୍ବଲପୁର ଲୋକସଭା ଓ ବିଧାନସଭା ପାଇଁ ମତଦାନ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି। ହୀରାକୁଦରେ ବୁଥ ନମ୍ବର ୩୩ରୁ ୫୪ ପର୍ଯ୍ୟନ୍ତ ମୋଟ ୨୨ଟି ବୁଥରେ ମତଦାନ ହୋଇଥିଲା। ପ୍ରଚଣ୍ଡ ଖରା ସତ୍ତ୍ୱେ ସକାଳୁ ଲମ୍ବା ଲାଇନ ପରିଲକ୍ଷିତ ହୋଇଥିଲା। ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ହୀରାଖଣ୍ଡ ସ୍କୁଲ ଓ ସରକାରୀ ବାଳିକା ବିଦ୍ୟାଳୟକୁ ମଡେଲ ମତଦାନ କେନ୍ଦ୍ର କରାଯାଇଥିଲା। ସେଠାରେ ଥଣ୍ଡା ପାନୀୟ, ସେଲଫି ପଏଣ୍ଟ, କୁଲର ବ୍ୟବସ୍ଥା ସହ ସୁନ୍ଦର ଭାବରେ ସଜାଯାଇଥିଲା। କିନ୍ତୁ ଅନ୍ୟ ବୁଥଗୁଡିକରେ ପିଇବା ପାଣି ଓ ଛାଇ ପାଇଁ କୌଣସି ଟେଣ୍ଟ ନଥିବା ଅଭିଯୋଗ ହୋଇଛି। ଲୋକ ମାନେ ଖରାରେ ଡହଳ ବିକଳ ହୋଇଥିଲେ ମତଦାନ ପାଇଁ ଅପେକ୍ଷା କରିଥିଲେ।

**ସୁରୁଖୁରୁରେ ସରିଲା ତୃତୀୟ ପର୍ଯ୍ୟାୟ ନିର୍ବାଚନ**

## ସମ୍ବଲପୁର ସଂସଦୀୟ କ୍ଷେତ୍ରର ଜନସାଧରଣଙ୍କୁ ଧନ୍ୟବାଦ ଜଣାଇଲେ ପ୍ରଣବ ପ୍ରକାଶ

**ସମ୍ବଲପୁର, ୨୫।୫ (ସମିସ):** ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ତୃତୀୟ ପର୍ଯ୍ୟାୟରେ ସମ୍ବଲପୁର ସସଂଦୀୟ କ୍ଷେତ୍ରରେ ନିର୍ବାଚନ ହୋଇଥିବାବେଳେ ସୁରୁଖୁରୁରେ ନିର୍ବାଚନ ସମାପ୍ତ ହୋଇଥିବାରୁ ସମ୍ବଲପୁର ସଂସଦୀୟ କ୍ଷେତ୍ରର ସମସ୍ତ ଜନସାଧରଣଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ଚଳିତ ନିର୍ବାଚନରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। କାରଣ ବିଜୁ ଜନତା ଦଳର ତୁଙ୍ଗ ନେତା ପ୍ରଣବ ପ୍ରକାଶ ଦାସ ଏହି ଆସନରୁ ଛିଡ଼ା ହୋଇଥିବା ବେଳେ ଭାରତୀୟ ଜନତା ପାର୍ଟିର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଦଳର ବରିଷ୍ଠ ନେତାମାନେ ମଧ୍ୟ ପ୍ରାର୍ଥୀ ହୋଇ ଲଢିଥିଲେ। ନିର୍ବାଚନ ପ୍ରକ୍ରିୟା ଆରମ୍ଭରୁ ହିଁ ସମ୍ବଲପୁର ରାଜ୍ୟ ରାଜନୀତିର ଫୋକସରେ ରହିଥିଲା। ପ୍ରାୟ ଦେଢ଼ମାସ ଧରି ସମସ୍ତ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ଜୋରଦାର ପ୍ରଚାର କରିଥିଲେ। ତେବେ ପ୍ରଚାର ସମୟରେ ପ୍ରଣବ ପ୍ରକାଶଙ୍କୁ ସମ୍ବଲପୁରର ଜନତା ସମ୍ବଲପୁର ମାଟିର ପୁଅ ଭଳି ବ୍ୟବହାର ଦେଖାଇ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ନିଜର ପୁଅ ଭାବି ତାଙ୍କୁ ସମସ୍ୟା ଜଣାଇଥିଲେ। ଏଥିରୁ କିଛି ସମସ୍ୟାର ସମାଧାନ କରିପାରିଥିବାରୁ ନିଜକୁ ଧନ୍ୟ ମଣୁଥିବା କହିଛନ୍ତି ପ୍ରଣବ ପ୍ରକାଶ ଦାସ। ରାଜନୀତି ତ ମାଧ୍ୟମ, ଅସଲ ଉଦ୍ଦେଶ୍ୟ ଲୋକଙ୍କ ସେବା କରିବା।



ମାଁ ସମଲେଶ୍ୱରୀଙ୍କ ପ୍ରକଳ୍ପ କାମ ଆରମ୍ଭ କରିବା ଦିନଠାରୁ ସମ୍ବଲପୁର ପ୍ରତି ମୋର ଡୋରି ଲାଗିଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ନୂଆ ଓ ସମୃଦ୍ଧ ସମ୍ବଲପୁର ଗଢିବା ଲକ୍ଷ୍ୟରେ ଏଠାକୁ ପଠାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆସ୍ଥା ପ୍ରକଟ କରି ବିଜୁ ଜନତା ଦଳକୁ ସମର୍ଥନ କରିଥିବାରୁ ପ୍ରଣବ ପ୍ରକାଶ କୃତଜ୍ଞତା ଜଣାଇଛନ୍ତି। ଶାନ୍ତି ଶୃଙ୍ଖଳାର ସହିତ ମତଦାନ କେନ୍ଦ୍ରକୁ ଯାଇ ଭୋଟଦାନ କରିଥିବାରୁ ଓ ଗଣତନ୍ତ୍ରର ଏହି ମହାନ ପର୍ବକୁ ସଫଳ କରିଥିବାରୁ ସମ୍ବଲପୁର ସଂସଦୀୟ କ୍ଷେତ୍ରର ସମସ୍ତ ଭୋଟରଙ୍କୁ ସହୃଦୟତାର ସହିତ ଧନ୍ୟବାଦ ଜଣାଇଛନ୍ତି। ପ୍ରଣବ ପ୍ରକାଶଙ୍କ ପ୍ରଚାର କାର୍ଯ୍ୟକ୍ରମ, ତାଙ୍କର ବାର୍ତ୍ତାକୁ ନିୟମିତ ଭାବରେ ଖବର ପ୍ରସାରଣ କରିଥିବା ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମ ସଂସ୍ଥାର ପ୍ରତିନିଧିମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିଭଳି ଦଳକୁ ତୃଣମୂଳ ସ୍ତରରେ ସୁଦୃଢ କରିବାକୁ ଦିନରାତି ପରିଶ୍ରମ କରିଥିବା ଦଳର ଶୃଙ୍ଖଳିତ କର୍ମୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତି, ବିଜୁ ଜନତା ଦଳ ପ୍ରତି ଏବଂ ତାଙ୍କ ପ୍ରତି ବିଶ୍ୱାସ ରଖି ବିଜୁ ଜନତା ଦଳରେ ସାମିଲ ହୋଇଥିବା ହଜାର ହଜାର କର୍ମୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବାକୁ ନିୟୋଜିତ ଥିବା ପ୍ରଶାସନିକ ଅଧିକାରୀ, ସୁରକ୍ଷା କର୍ମୀ, ପୁଲିସ ଅଧିକାରୀ ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏକ ନୂଆ ସମ୍ବଲପୁର ଗଢିବାକୁ ସେ ଆହ୍ୱାନ ଦେଇଛନ୍ତି।

**ନିଶା ପାଇଁ ବଢୁଛି ବାଳ ଅପରାଧ**

## ପରିବାର, ସମାଜର ଦାୟିତ୍ୱ ତୁଲାଇବାରେ ଅବହେଳା ଅଭିଯୋଗ

**ସମ୍ବଲପୁର, ୨୫।୫(ସମିସ)**

ସରକାରୀସ୍ତରରେ ନାବାଳକଙ୍କ ସୁରକ୍ଷା ନେଇ ପଦକ୍ଷେପ ଗ୍ରହଣ କରାଯାଉଛି। ସଚେତନତା କାର୍ଯ୍ୟକ୍ରମ ମଧ୍ୟ ହେଉଛି। ଶୁଶୁ ସୁରକ୍ଷା ଓ ଏହା ଉପରେ ଥିବା କଡ଼ା ଆଇନ ଉପରେ କାର୍ଯ୍ୟକ୍ରମ ଗୁଡ଼ିକ ହେଉଛି। ଅପରାଧରୁ ଦୂରେଇ ରହିବେ ସେଥିପାଇଁ ପିଲାଙ୍କୁ ସ୍ୱତନ୍ତ୍ର ଶିକ୍ଷାଦାନର ବ୍ୟବସ୍ଥା ମଧ୍ୟ ରହିଛି। ହେଲେ ଆଜିଦିନରେ ୧୪ରୁ ୧୭ ବର୍ଷ ପିଲାମାନେ ଅପରାଧିକ କାମରେ ଫସି ଯାଉଛନ୍ତି। କିଛି ଟଙ୍କା ରୋଜଗାର କରିବା ଓ ନିଶା ସେବନ କରିବା ପାଇଁ ଅପରାଧକୁ ସହଜ ବାଟ ଭାବେ ଆପଣେଇ ନେଉଛନ୍ତି। ଯାହାକି କି ପୁଲିସ ପାଇଁ ଚିନ୍ତା ବଢ଼ାଇ ଥିବାବେଳେ ଆଜିର ସମାଜ ପାଇଁ ମଧ୍ୟ ଶୁଭ ସଙ୍କେତ ନୁହେଁ ବୋଲି ଲୋକମାନେ କହୁଛନ୍ତି। ସମ୍ବଲପୁର ଜିଲ୍ଲାରେ ଅଧିକାଂଶ ଅପରାଧିକ ଘଟଣାରେ ନାବାଳକଙ୍କ ସମ୍ପୃକ୍ତି ସଂଖ୍ୟା ଅଧିକ ରହୁଛି। ନାବଳକଙ୍କ ପାଇଁ ଆଇନ ପାଖରେ ଦଣ୍ଡାଦେଶର ସ୍ୱତନ୍ତ୍ରତା ରହିଛି। କଠୋର ସଜା ବଦଳରେ ସେମାନଙ୍କୁ ଦଣ୍ଡାଦେଶରେ ସମାନ୍ୟ କୋହଳ ରହିଥାଏ। ତେଣୁ ଅପରାଧିକ କାମରେ ଯିବାକୁ ଭୟ କରୁନାହାନ୍ତି। ଅନ୍ୟପଟେ ପରୋକ୍ଷ ଭାବରେ ନାବଳକଙ୍କୁ ନିୟୋଜିତ କରି ପଛପଟରେ ମାଫିଆ ଓ ବଡ଼ ଅପରାଧୀମାନେ ଫାଇଦା ନେଉଛନ୍ତି। ପ୍ରତିଦିନ ଲୁଟ୍, ମାଡ଼ପିଟ, ଚୋରୀ ଭଳି ଘଟଣା ହେଉଥିବାବେଳେ ହତ୍ୟାକାଣ୍ଡ ମଧ୍ୟ ହେଉଛି। ପେସାଦାର ଅପରାଧୀମାନେ ବାହାରେ ରହିଲେ ଅପରାଧିକ କାର୍ଯ୍ୟ ହ୍ରାସ ପାଇବ ବୋଲି ପୁଲିସ ବିଭିନ୍ନ ମାମଲାରେ ଜେଲ ପଠାଇ ଦେଇଛି। ହେଲେ ଅପରାଧିକ କାମରେ ନୂତନ ଭାବେ ଯୁବବର୍ଗ ସାମିଲ ହେବା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅପରାଧ ନିୟନ୍ତ୍ରଣରେ ପୁଲିସ ଏକ ପ୍ରକାଶ ଫେଲ୍ ମାରିଥିବାବେଳେ ଯୁବବର୍ଗଙ୍କୁ ନେଇ ଆହୁରି ଅଡୁଆରେ ପଡ଼ିଯାଇଛି। କୁଖ୍ୟାତ ଅପରାଧୀମାନଙ୍କ ଛତ୍ରଛାୟା ତଳେ ମୁଣ୍ଡ ଟେକୁଛନ୍ତି ଯୁବବର୍ଗ। ସମ୍ବଲପୁର ଜିଲ୍ଲା ପୁଲିସ ଅନେକ ମାମଲାରେ ବାଳ ଅପରାଧିକଙ୍କୁ ଗିରଫ କରିଛି। ଗ୍ରାମାଞ୍ଚଳ ହେଉକି ସହରାଞ୍ଚଳ ସବୁଠାରେ ଏହି କିଶୋର ବାଳକମାନେ ଲୋଭରେ ପଡ଼ି ଅସାମାଜିକ କାର୍ଯ୍ୟ କରି ଚାଲିଛନ୍ତି। ସମ୍ବଲପୁର ସହରାଞ୍ଚଳ ଅଇଁଠାପାଲି, ଟାଉନ୍, ଧନୁପାଲି ଏବଂ ଗ୍ରାମାଞ୍ଚଳର ଠେଲକୋଲି, ଗୋବିନ୍ଦପୁର, ଧମା, ଚାରମାଳ ଓ ଶାସନ ଥାନାରେ ଅନେକ ନାବାଳକ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ପାଖାପାଖି ୧୭ ବର୍ଷ ବୟସର ସର୍ବାଧିକ ନାବାଳକ ରହିଛନ୍ତି।୨୦୩ରେ ସମ୍ବଲପୁରରେ ଘଟିଥିଲା ବିଭିନ୍ନ ଅପରାଧିକ ମାମଲାରେ ପୁଲିସ ୭୧ ଜଣ ନାବାଳକ ଧରିଥିବା ଏକ ରିପୋର୍ଟ ରହିଛି। ଅପରାଧିକ କାର୍ଯ୍ୟରେ ନାବାଳକଙ୍କ ସମ୍ପୃକ୍ତି ଥିବା ନେଇ ଜିଲ୍ଲାରେ ୨ଟି କିଶୋର ନ ବୋର୍ଡ ବି ଖୋଲାଯାଉଛି। ନାବାଳକମାନଙ୍କର ଅପରାଧରେ ସମ୍ପୃକ୍ତି ବହୁଥିବା ପରେ ମଧ୍ୟ ସେମାନଙ୍କୁ ଅପରାଧରୁ ଦୂରେଇ ରଖିବା ପାଇଁ ପୁଲିସ, ପ୍ରଶାସନ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ଯଦି ଉଚିତ ସମୟରେ ପରିବାର ଓ ସମାଜ ଭଲ ଶିକ୍ଷା ଦେବ ତା'ହେଲେ ଏକ ବ୍ୟାପକ ପରିବର୍ତ୍ତନ ହୋଇପାରେ ବୋଲି ଲୋକେ କହୁଛନ୍ତି।

**ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା ମତଦାନ**

## ସମ୍ବଲପୁରରେ ୬୪, କୁଚିଣ୍ଡାରେ ୮୧, ରେଢାଖୋଲରେ ୭୫, ରେଙ୍ଗାଲିରେ ୭୫ ପ୍ରତିଶତ

**ସମ୍ବଲପୁର, ୨୫।୫(ସମିସ):** ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଛି। ସମ୍ବଲପୁର ଲୋକସଭା ସହିତ ଜିଲ୍ଲା ଚାରୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ସମ୍ପୂର୍ଣ୍ଣ ହୋଇସାରିଛି। ସରକାରୀ ମହିଳା ମହାବିଦ୍ୟାଳୟକୁ ପୋଲିଙ୍ଗ ପାର୍ଟିକୁ ଇଭିଏମ ନେଇ ଫେରିଥିବା ବେଳେ ଉପଖଣ୍ଡରେ ଥିବା ଷ୍ଟଙ୍ଗ ରୁମ ଗୁଡିକ ମଧ୍ୟ ଇଭିଏମ କଡା ସୁରକ୍ଷାରେ ରଖା ଯାଇଛି। ପୁଲିସ ଓ ସିଆରପିଏଫ ମୃତୟନ କରାଯାଇଛି। ରାତି ୧୨ ପର୍ଯ୍ୟନ୍ତ କେତେକ ବୁଥରେ ମତଦାନ ଚାଲିଥିଲା। ଏହି ସମୟରେ ମିଳିଥିବା ରିପୋର୍ଟ ଅନୁସାରେ ସମ୍ବଲପୁର ବିଧାନସଭାରେ ୬୪.୪୦ ପ୍ରତିଶତ, ରେଢାଖୋଳ ୭୫.୪୦ ପ୍ରତିଶତ, କୁଚିଣ୍ଡାରେ ୮୧. ୩୮, ରେଙ୍ଗାଲିରେ ୭୪. ୪୦ ପ୍ରତିଶତ ମତଦାନ ହୋଇଛି। କୁଚିଣ୍ଡାରେ ସର୍ବାଧିକ ୮୧ ପ୍ରତିଶତ ହୋଇଥିବା ବେଳେ ସମ୍ବଲପୁର ବିଧାନସଭାରେ ୬୪.୪୦ ପ୍ରତିଶତ ରହିଛି। ଜିଲ୍ଲାରେ ୯୪୮ ପୋଲିଙ୍ଗ ଷ୍ଟେସନ ରହିଥିଲା। ସେଥି ମଧ୍ୟରୁ ୬୫ ଟି ବୁଥ ସଖୀ ବୁଥ ରହିଥିଲା। ସମ୍ବଲପୁର ବିଧାନସଭାରେ ୧୮ ୯ ଟି ପୋଲିଙ୍ଗ ଷ୍ଟେସନ ରହିଛି। ସେହିପରି ରେଙ୍ଗାଲିରେ ୨୩୪ ଟି ପୋଲିଙ୍ଗ ସେଣ୍ଟର ରହିଛି। ସମ୍ବଲପୁର ଜିଲ୍ଲାରେ ଚଳିତ ବର୍ଷ ୮ ଲକ୍ଷ ୨୭ ହଜାର ୪୬୩ ଭୋଟର ରହିଛନ୍ତି। ମହିଳା ଭୋଟରଙ୍କ ସଂଖ୍ୟା ରହିଛି ୪ ଲକ୍ଷ ୧୬ ହଜାର ୯୩୩ ରହିଛି। ଚଳିତ ନିର୍ବାଚନରେ ଯୁବ ଭୋଟର ୨୨, ୬୫୮ ଏବଂ ୬, ୩୦୯ ଜଣ ବରିଷ୍ଠ ନାଗରିକ ଭୋଟର ଅଛନ୍ତି।

# ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ

**ପାଇକମାଳ, ୨୫।୫ (ସମିସ) :** ଯୋଗେନ୍ଦ୍ରନାଥପୁର ଠାରେ ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳନ କରାଯାଉଛି। ପ୍ରଥମ ଦିବସରେ ୧୦୮ ପୂର୍ଣ୍ଣ କଳସ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ପୂଜାସ୍ଥଳୀକୁ ଅଣାଯାଇଥିଲା। ୨୩ ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ନୀଳାଦ୍ରି ଭୋଇ, ଭାଗବତୀଆ ଭୋଇ, ପଞ୍ଚାନନ ବଡ଼େଇ, ରାଜେନ୍ଦ୍ର ଭୋଇ, ଗଣେଶ ଭୋଇ, ରଘୁ ଭୋଇ, ପ୍ରତାପ ରଣା ସାତଦମ୍ପତି ପୂଜା ଓ ଷୋହଳ ପ୍ରହର ନାମଯଜ୍ଞରେ କର୍ତ୍ତା ଭାବରେ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି ଅବସରରେ ୨୪ ପ୍ରହର ନାମଯଜ୍ଞରେ ଯୋଗେନ୍ଦ୍ରନାଥପୁର, ବାଲସି, ପୂଝାରୀଗୁଡା, ମୁନେଇକେଲ, କୋଏଲବାହାଲ, ନୂଆପଡ଼ା, କାସିପାଣି, କର୍ଲାମାଳ ସଂକୀର୍ତ୍ତନ୍ୟ ଦଳ ଅଂଶ ଗ୍ରହଣ କରିଛନ୍ତି। ଏତଦ ବ୍ୟତୀତ ମହିଳା ଦଣ୍ଡନୃତ୍ୟ, ପାରାୟଣ, କଂସ ଦରବାର, ଅପେରା, ମୀନାବଜାର ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ହେଉଛି। ଲକ୍ଷ୍ମୀଧର ଭୋଇ, ପୁରନ୍ଦର ଭୋଇ, ମାଧବ ପଟେଲ, ଚୂଡ଼ାମଣୀ ମିଶ୍ର, ଗୋରେଖ ସେଠ ସହ ସମସ୍ତ ଗ୍ରାମବାସୀ ପ୍ରତିଷ୍ଠା ଉତ୍ସବରେ ସାମିଲ ହୋଇଛନ୍ତି। ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନଙ୍କ



ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି। ପୂଜାପାଠ, ହୋମ, ଗୋପୁଜନ, ସୂର୍ଯ୍ୟ ପୂଜା, ଫଳାଭିଷେକ, ଦେବସ୍ନାନ ଆଦି କାର୍ଯ୍ୟକ୍ରମ ଯଥାରୀତିନୀତିରେ କରାଯାଉଛି। ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି।

# ବରଗଡ଼ ଜିଲ୍ଲାରେ ରବିଧାନ ସଂଗ୍ରହରେ ଅବ୍ୟବସ୍ଥା

**ବରଗଡ଼, ୨୫।୫(ସମିସ)**

ଗତ ମଇ ୧୦ ତାରିଖରୁ ରବି ଧାନ ସଂଗ୍ରହ ପାଇଁ ଜିଲ୍ଲାରେ ମାର୍କେଟୟାର୍ଡ ଖୋଲିଥିବା ବେଳେ ଏଯାଏଁ ଅବସ୍ଥାରେ ସୁଧାର ଆସିପାରି ନଥିବା ଦେଖିବାକୁ ମିଳିଛି। ମନ୍ଥର ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଯାଇଥିବା ବେଳେ ଜିଲ୍ଲାର ବିଭିନ୍ନ ମାର୍କେଟ ୟାର୍ଡରେ ହଜାର ହଜାର ବସ୍ତାଧାନ ବିକ୍ରି ହୋଇ ନପାରି ପଡ଼ିରହିଛି। ଅପରପକ୍ଷେ କାଳବୈଶାଖୀ ଯୋଗୁଁ ହେଉଥିବା ଅଦିନିଆ ବର୍ଷାକୁ ନେଇ ଚାଷୀ ଚିନ୍ତିତ ହୋଇପଡ଼ିଛି। ଗତ ମଇ ୧୦ ତାରିଖରୁ ଜିଲ୍ଲାର ଅତାବିରାରୁ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ମଇ ୧୨ ରେ ବରଗଡ଼ ଓ ଭେଡେନ, ମଇ ୧୪ ରେ ପାଇକମାଳ ଓ ସୋହେଲା, ମଇ ୧୫ରେ ପଦ୍ମପୁର, ବରପାଲି ଓ ବିଜେପୁର, ମଇ୧୬ ରେ ଝାରବନ୍ଧ ଓ ଅମ୍ବାଭୋନା, ମଇ୧୭ ରେ ଭଟଲି ଏବଂ ମଇ ୨୦ ରେ ଗାଇସିଲାଟ ବ୍ଲକର ମଣ୍ଡିଗୁଡ଼ିକ ଖୋଲିଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଏ ଯାଏଁ କ୍ରୟ କେନ୍ଦ୍ର ଗୁଡିକ ଠିକ ଭାବରେ ଖୋଲା ଯାଇପାରିନାହିଁ। ଜିଲ୍ଲାର ଚାଷୀମାନେ ୧୯୬ ମଣ୍ଡି ଓ ପିସିମାନଙ୍କ ଜରିଆରେ ଧାନ ବିକ୍ରି କରିବାକୁ ଥିବା ବେଳେ ଯୋଗ୍ୟ ବିବେଚିତ ହୋଇଥିବା ୧୧୩ ଜଣ ମିଲର୍ସ ଏହାକୁ ସମ୍ପାଦନ କରୁଛନ୍ତି। ପେକ୍ସ ଓ ୫୦ଟି



- ମାର୍କେଟ ଖୋଲିବାର ୧୫ ଦିନ ପରେ ମଧ୍ୟ ସୁଧୁରିନି ଅବସ୍ଥା
- ବିଭିନ୍ନ ମାର୍କେଟୟାର୍ଡରେ ଏବେ ପଡ଼ିରହିଛି ଲକ୍ଷାଧିକ ବସ୍ତା ଧାନ

ଏସଏଚଜି ସମେତ ତିନି ଆର୍‌ଏମସି ଜରିଆରେ ୮୫୩୦୪ ଜଣ ଚାଷୀ ରବିଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଛନ୍ତି। ଅପରପକ୍ଷେ ଧାନ ସଂଗ୍ରହ ଆରମ୍ଭ ହେବା ଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୬ ଲକ୍ଷ ୮୩ ହଜାର ବସ୍ତା ଧାନ ମାର୍କେଟ ୟାର୍ଡକୁ ଆସିଥିବା ବେଳେ ୨୪ ଲକ୍ଷ ୯୧ ହଜାର ବସ୍ତା ଧାନ ବିକ୍ରୀ ହୋଇଥିବା ସୂଚନା ମିଳିଛି। ବର୍ତ୍ତମାନ ଜିଲ୍ଲାର ବିଭିନ୍ନ ମାର୍କେଟ ୟାର୍ଡରେ ୧ ଲକ୍ଷ ୯୨ ହଜାର ବସ୍ତା ଧାନ ବିକ୍ରୀ ନ ହୋଇ ପଡ଼ି ରହିଛି। ସେହିପରି ପ୍ରତ୍ୟହ ହଜାର ହଜାର ବସ୍ତା ଧାନ ମାର୍କେଟ ୟାର୍ଡକୁ ବିକ୍ରି ପାଇଁ ଆସୁଥିବା ବେଳେ ଧାନ ଉଠାଣ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ନିର୍ବାଚନ ଯୋଗୁଁ ଧାନ ସଂଗ୍ରହରେ ମନ୍ଥରତା ସହ ବିଭିନ୍ନ ମଣ୍ଡିରେ ଏପରି ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହେଉଛି। ଧାନ ସଂଗ୍ରହରେ ବିଳମ୍ବ ତଥା ଅଚଳାବସ୍ଥା ଯୋଗୁଁ ଚାଷୀମାନେ ଅଣ୍ଡରରେଟରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଅପରପକ୍ଷେ ଆର୍ଦ୍ରତା ନାଁରେ ମିଲ ପଏଣ୍ଟରେ କଟନି ଛଟନି ହେଉଥିବା ଘଟଣାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ। ମାର୍କେଟ ୟାର୍ଡରେ ଆର୍ଦ୍ରତା ଯାଞ୍ଚ ପରେ ପୁଣି ଥରେ ମିଲ ପଏଣ୍ଟରେ ଯାଞ୍ଚ କରାଯାଉଥିବା ଅଭିଯୋଗ ହେଉଛି। ଫଳରେ ଜିଲ୍ଲାରେ ଚାଷୀ ପୁଣି ଥରେ ନିଜର ଝାଳବୁହା ପରିଶ୍ରମର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେବା ଜଳ ଜଳ ଦିଶୁଛି। ଅପରପକ୍ଷେ ମାର୍କେଟୟାର୍ଡରେ ଧାନ ସଂଗ୍ରହରେ ମନ୍ଥରତାକୁ ଦେଖି ବହୁ ଚାଷୀ ମିଲର୍ସଙ୍କ ଦଲାଲ ହାତରେ ଅଣ୍ଡରରେଟରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଧାନ କିଣାବିକାରେ ଦଲାଲଙ୍କ ଅହେତୁକ ହସ୍ତକ୍ଷେପ ଯୋଗୁଁ ଚାଷୀ ସର୍ବସ୍ୱାନ୍ତ ହେଉଥିବା ଅଭିଯୋଗ କରି ଚାଷୀ ନେତା ରମେଶ ମହାପାତ୍ର ସଂସ୍କାରଧର୍ମୀ ପଦକ୍ଷେପ ଗ୍ରହଣ କରାଯାଉ, ନହେଲେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# କଲେଜ ରୋଡ୍‌ରେ ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର୍

**ବରଗଡ଼, ୨୫।୫(ସମିସ):** ବରଗଡ଼ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ବିଦ୍ୟୁତ ଟ୍ରାନ୍ସଫରମର ଗୁଡ଼ିକ ମୁକୁଳା ହୋଇ ପଡ଼ିରହିଥିବା ବେଳେ ସେହି ରାସ୍ତାଦେଇ ଯାତାୟତ କରୁଥିବା ପଥଚାରୀ, ବିଶେଷ କରି ସ୍କୁଲକଲେଜର ଛାତ୍ରଛାତ୍ରୀ ମାନେ ଯେ କୌଣସି ସମୟରେ ବିପଦର ସମ୍ମୁଖୀନ ହେବା ଏଡାଇ ଦିଆଯାଇ ନପାରେ। ବିଶେଷ କରି ପଞ୍ଚାୟତ କଲେଜ ରାସ୍ତାରେ କିଛି ଟ୍ରାନ୍ସଫରମର ମୁକୁଳା ହୋଇ ରହିଥିବା ବେଳେ କୌଣସି ସମୟରେ ଏକ ବଡ଼ ଅଘଟଣକୁ ଏଡ଼ାଇ ଦିଆଯାଇ ନପାରେ। ସହରର ବିଭିନ୍ନ ସ୍ଥାନରେ ଏବେ ବହୁ ଟ୍ରାନ୍ସଫରମର ମୁକୁଳା ଅବସ୍ଥାରେ ରହିଛି। ଯାହାକୁ ନେଇ ଜନସାଧାରଣ କେତେ ସୁରକ୍ଷିତ ତାହା ବେଶ ଅନୁମେୟ। ବିଶେଷ କରି ପଞ୍ଚାୟତ କଲେଜ ରାସ୍ତାର ବିଭିନ୍ନ ସ୍ଥାନରେ ରାସ୍ତା କଡ଼ରେ ମୁକୁଳା ଟ୍ରାନ୍ସଫରମର ଗୁଡ଼ିକ ସବୁବେଳେ ବିପଦକୁ ଡାକୁଛି। ପଞ୍ଚାୟତ କଲେଜ ରାସ୍ତାର କରତ କଳ ନିକଟରେ ଏକ ଟ୍ରାନ୍ସଫରମର ମୁକୁଳା ଅବସ୍ଥାରେ ରହିଛି। ସେହିପରି ଉକ୍ତ ରାସ୍ତାର ପୁରୁଣା ଫାଣ୍ଡି ନିକଟ ସୁଇପର କଲୋନୀ ନିକଟରେ ଅନ୍ୟ ଏକ ଟ୍ରାନ୍ସଫରମର ମୁକୁଳା ଅବସ୍ଥାରେ ରାସ୍ତାକୁ ମାଡ଼ିବସିଛି। ଅନୁରୂପ ଭାବେ କାଳିମନ୍ଦିର ଛକରୁ କରତ କଳ ମଧ୍ୟରେ ଅନ୍ୟ ଏକ ଟ୍ରାନ୍ସଫରମର ମଧ୍ୟ ରାସ୍ତାରେ ରହିଛି। ଯାହାର କି କେବୁଲଗୁଡ଼ିକ ରାସ୍ତା ଉପରେ ମୁକୁଳା ଭାବରେ ରହିଛି। ଯାହାକୁ ନେଇ ସବୁ ସମୟରେ ବିପଦରେ ରହିଛନ୍ତି ପଥଚାରୀ ତଥା ସ୍କୁଲ କଲେଜର ଛାତ୍ରଛାତ୍ରୀ। କେବଳ ଉକ୍ତ ଦୁଇ ତିନୋଟି ସ୍ଥାନ ନୁହେଁ ସହରର ଆଉ ମଧ୍ୟ ଅନେକ ସ୍ଥାନରେ ଟ୍ରାନ୍ସଫରମର ଗୁଡ଼ିକ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ବିପଦଜନକ ଭାବେ ଥିବା କେତେକ ଟ୍ରାନ୍ସଫରମର ଗୁଡ଼ିକର ଚାରିପାଖେ କୌଣସି କାନ୍ଥ ଦିଆଯାଇନାହିଁ। ସେହିପରି ସହରର ଅନେକ ଟ୍ରାନ୍ସଫରମର ଗୁଡ଼ିକର କାନ୍ଥ ମଧ୍ୟ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅନେକ ସମୟରେ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିବା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଏ ନେଇ କୌଣସି ପ୍ରକାର ପଦକ୍ଷେପ ନେଉ ନଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ବିଭିନ୍ନ ସମୟରେ ଗାଈଗୋରୁ, ଛେଳିମେଣ୍ଢା ଉକ୍ତ ମୁକୁଳା ଟ୍ରାନ୍ସଫରମର ପାଖକୁ ଚାଲିଯାଇ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରୁଥିବା ନଜିର ରହିଛି। ଅପରପକ୍ଷେ ରାସ୍ତା କଡ଼ରେ ମୁକୁଳା ହୋଇ ରହିଥିବା ଟ୍ରାନ୍ସଫରମର ଗୁଡ଼ିକ ସଟସର୍କିଟ ହୋଇ ସେଥିରୁ ନିଆଁ ତଳକୁ ପଡୁଥିବା ବେଳେ ପଥଚାରୀମାନଙ୍କ ଯିବା ଆସିବାରେ ଅସୁବିଧା ମଧ୍ୟ ହେଉଛି। ଟାଟା ପାୱାର ବିଦ୍ୟୁତ ବିତରଣ ଦାୟିତ୍ୱ ନେବା ପରେ କିଛି ଟ୍ରାନ୍ସଫରମରେ ବାଡ଼ ଦେଇଥିବା ଦେଖିବାକୁ ମିଳିଛି। ତେବେ ପଞ୍ଚାୟତ କଲେଜ ରାସ୍ତାରେ ଥିବା ଉକ୍ତ ବିଦ୍ୟୁତ ଟ୍ରାନ୍ସଫରମର ଗୁଡ଼ିକ ସୁପ୍ରିମକୋର୍ଟର ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରୁଥିବା ପରିଲକ୍ଷିତ ହେଉଛି। ସୁପ୍ରିମକୋର୍ଟ ନିୟମ ଅନୁସାରେ ୧୧ କେଭି ଟ୍ରାନ୍ସଫରମର ଗୁଡ଼ିକର ଚାରିପଟେ ଅତିକମରେ ୫ ଫୁଟର ପାଚେରୀ ରହିବା କଥା। କିନ୍ତୁ ଏଠାରେ ସବୁ ନିୟମ କାନୁନକୁ ଅଣଦେଖା କରି ରାସ୍ତା କଡ଼ରେ ବିନା ପାଚେରୀରେ ଟ୍ରାନ୍ସଫରମର ଗୁଡ଼ିକ ରହିଛି। ଯାହାକୁ ନେଇ ଜନସାଧାରଣ ଘରୁ ରାସ୍ତାକୁ ବାହାରିବା ସମୟରେ ନିଜ ସାଙ୍ଗରେ ବିପଦ ନେଇ ବୁଲୁଥିବା ସାଧାରଣରେ ଚର୍ଚ୍ଚା ଚାଲିଛି। ଏପରି ସ୍ଥିତିରେ ଯୁଦ୍ଧକାଳୀନ ଭିତ୍ତିରେ ଟ୍ରାନ୍ସଫରମର ଗୁଡ଼ିକରେ ପାଚେରୀ ନିର୍ମାଣ କରିବା ଜରୁରୀ ହୋଇପଡ଼ିଛି।



# ଶିଶୁ ତାଲିମ୍ ଶିବିର ଉଦ୍‌ଯାପିତ



**ବରପାଲି, ୨୫।୫(ସମିସ):** ବରପାଲି ଓଡ଼ିଆପଡ଼ା ପ୍ରଧାନ କ୍ରାଫ୍ଟୋ ପାର୍କ ପରିସରରେ ଆୟୋଜିତ ଶିଶୁ ତାଲିମ ଶିବିର ଉଦଯାପନୀ ଉତ୍ସବ ପାଳିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ଅଧ୍ୟକ୍ଷା ବନ୍ଦିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ ଯୋଗଦେଇଥିଲେ। ପନ୍ଦର ଦିବସିୟ ତାଲିମ ଶିବିରର ଉଦଯାପନୀ ପର୍ବରେ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଧର୍ମରାଜ ସିଂ ବରିହା ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀମତୀ ସାହୁ କୁନିକୁନି ଶିଶୁ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ କାରୁକାର୍ଯ୍ୟ ଓ ଶିଳ୍ପକଳାକୁ ପ୍ରଶଂସା କରିଥିଲେ। ପ୍ରଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଲିମ ଶିବିରରେ ମାଷ୍ଟରଟ୍ରେନର ଭାବେ ବନ୍ଦିତା ପ୍ରଧାନଙ୍କ ତତ୍ୱାଧାନରେ ନନ୍ଦିତା ପ୍ରଧାନ, ମାନସ ଦାଶ ଏବଂ ଧର୍ମରାଜ ସିଂ ବରିହା ବିଭିନ୍ନ ବିଷୟ ଉପରେ ତାଲିମ ପ୍ରଦାନ କରିଥିଲେ। ପରିଚାଳନାରେ ସଙ୍ଘମିତ୍ରା ପ୍ରଧାନ ସହଯୋଗ କରିଥିବା ବେଳେ ନନ୍ଦିତା ଧନ୍ୟବାଦ ଅର୍ପଣ କରିଥିଲେ।

# 'ପତଙ୍ଗ' ତରଫରୁ ଗ୍ରୀଷ୍ମକାଳୀନ ଶିବିର

**ବରଗଡ଼, ୨୫।୫(ସମିସ):** ପତଙ୍ଗ ଅନୁଷ୍ଠାନ ତରଫରୁ ବରଗଡ଼ ଓ ଭଟଲି ବ୍ଲକର ୧୨ଟି ଗ୍ରାମରେ ଏସ୍‌କେଏନର ଶତବାର୍ଷିକୀ ସମାରୋହ ଉପଲକ୍ଷେ ଗ୍ରୀଷ୍ମ କାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ କାଳୀନ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଛୁଟିରେ ପିଲାମାନଙ୍କୁ ବିଭିନ୍ନ ଖେଳ ମାଧ୍ୟମରେ ଏକ ଗଠନମୂଳକ ଏବଂ ଆକର୍ଷଣୀୟ ପରିବେଶ ସୃଷ୍ଟି କରି ପିଲାମାନଙ୍କ ମଧ୍ୟରେ ସାମାଜିକ, ଦଳଗତ ଓ ବ୍ୟକ୍ତିଗତ କାର୍ଯ୍ୟ ଏବଂ ମନୋଭାବକୁ ବିକାଶ କରିବା। ଏହି ଶିବିରରେ ପତଙ୍ଗର ଯୁବ ସ୍ୱେଚ୍ଛାସେବୀମାନେ ୩୫୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ମାଟି କଣ୍ଢେଇ, ବିନା ନିଆଁରେ ଖାଦ୍ୟ ପ୍ରସ୍ତୁତି, କାଗଜରେ ବିଭିନ୍ନ ବସ୍ତୁ ତିଆରି, ବୈଜ୍ଞାନିକ ଖେଳନା ତିଆରି, ନୃତ୍ୟ ପ୍ରଦର୍ଶନ, ମୂଷା ବିଲେଇ ଖେଳ, କ୍ରିକେଟ, ବେଶ ବଲ, ଷ୍ଟାଣ୍ଡିଂ ଖୋ ଖୋ ସହିତ ରାଜା ଖେଳ ପରିଚାଳନା



କରିଥିଲେ। ଯେଉଁଥିରେ ପିଲାମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ପତଙ୍ଗ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀଙ୍କ ମିଳିତ ଗୁଣ୍ଡୁଚିମୂଷା କାର୍ଯ୍ୟକ୍ରମଟି ସୁଚାରୁ ରୂପେ ପରିଚାଳିତ ଉଦ୍ୟମରେ ହୋଇଥିଲା।

## ଶେଷ ହେଲା ନୃସିଂହନାଥ ବୈଶାଖ ମେଳା

# ୫ ଦିନର କୋଳାହଳ ପରେ ତୀର୍ଥକ୍ଷେତ୍ରରୁ ବାହୁଡ଼ିଲେ ଭକ୍ତ

**ଝାରବନ୍ଧ, ୨୫।୫ (ସମିସ)**

ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତରୁ ଝରି ଆସୁଥିବା ଚିରସ୍ରୋତା ନିର୍ଝରିଣୀ କୂଳରେ ବିରାଜିତ ମାର୍ଜରକେଶରୀ ପ୍ରଭୁ ଶ୍ରୀନୃସିଂହନାଥଙ୍କ ଜନ୍ମ ଉତ୍ସବ ଦୀର୍ଘ ପାଞ୍ଚ ଦିନ ବ୍ୟାପୀ ପାଳନ ପରେ ସମାପନ ହୋଇଛି। ଛତିଶଗଡ଼ ରାଜ୍ୟର ଗଙ୍ଗା ଭାବରେ ପରିଚିତ ନୃସିଂହନାଥ ଝରଣା ଓ ପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତ ସମାବେତ ହୋଇଥିଲେ। ଦୋକାନ ବଜାର ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅନେକ ଅନୁଷ୍ଠାନ ଉତ୍ସବର ସଫଳତା ପାଇଁ ଅନ୍ନଛତ୍ର, ଜଳଛତ୍ର ଆଦି ବଣ୍ଟନ କରିଥିଲେ। ପୁଲିସ, ବିଦ୍ୟୁତ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ବିଭାଗ, ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଡିଫେନ୍ସ ଏକାଡେମୀ ସହ ଅନେକ ସରକାରୀ, ବେସରକାରୀ ପ୍ରତିଷ୍ଠାନ ପୂର୍ଣ୍ଣପ୍ରାଣରେ ସହଯୋଗ କରିଥିଲେ। ପ୍ରଥମ ଦିବସରେ ବର୍ଷା ଯୋଗୁଁ କାର୍ଯ୍ୟକ୍ରମ ସାମାନ୍ୟ ବାଧାପ୍ରାପ୍ତ ହୋଇ ଥିଲେ ସୁଦ୍ଧା ପରବର୍ତ୍ତୀ ଦିନରେ ବେଶ ଭିଡ଼ ହୋଇଥିଲା। ମେଳା ସମାପ୍ତ ହୋଇଥିଲେ ସୁଦ୍ଧା ଦୋକାନ ବଜାର ଲାଗି ରହିଥିଲା। ଘର ବାହୁଡ଼ା ପାଇଁ ସଜବାଜ ହେଉଛି। ନୃସିଂହ ଜନ୍ମତିଥି ଚତୁର୍ଦ୍ଦଶୀ ତିଥିରେ ଅସଂଖ୍ୟ ଭିଡ଼ ହୋଇଥିଲା। ପ୍ରଭୁଙ୍କୁ ପାଇଥିବା କନ୍ଧ ସମାଜ ପକ୍ଷରୁ ପିତାକନ୍ଦା ଭୋଗ ଲାଗି ମନ୍ଦିର ନେତ ବାନ୍ଧିଥିଲେ। ଭକ୍ତଙ୍କ ଭକ୍ତି ନିକଟରେ ଟାଣଖରା ମଧ୍ୟ ହାର ମାନିଥିଲା।




## ଏମାନେ ଯାହା କହନ୍ତି...



ପ୍ରବଳ ଖରା ସତ୍ତ୍ୱେ ଭକ୍ତମାନଙ୍କ ଭାରି ଭିଡ଼ ହୋଇଥିଲା। କୌଣସି ସ୍ଥାନରେ କୌଣସି ବିଶୃଙ୍ଖଳା ଦେଖିବାକୁ ମିଳି ନଥିଲା। ପୂଜା ମଧ୍ୟ ଯଥା ରୀତିନୀତିରେ ହୋଇଥିଲା। ସମସ୍ତଙ୍କ ସହଯୋଗରେ ବୈଶାଖ ମେଳା ଓ ନୃସିଂହନାଥ ଜନ୍ମ ଉତ୍ସବ ସମାପନ ହୋଇ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି।

**ପୁରୁଷୋତ୍ତମ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ନୃସିଂହନାଥ ମନ୍ଦିର**



ସମସ୍ତ ଜନସାଧାରଣ ମେଳା ପରିଚାଳନାରେ ଅକୁଣ୍ଠ ସହଯୋଗ କରିଥିଲେ। ଆଚରଣ ଓ ଉଚ୍ଚାରଣ ଦ୍ୱାରା ସମସ୍ତ ଅସାଧ୍ୟ କାମ ସହଜରେ ସାଧ୍ୟ ହୋଇ ପାରୁଥିଲା। କୌଣସି ସାମାନ୍ୟ ଅସୁବିଧାକୁ ଆମେ କାହାକୁ ନକହି ସମାଧାନ କରୁଥିଲୁ। ଫଳରେ ସମସ୍ୟା ଜଟିଳ ହୋଇ ନଥିଲା। ଶ୍ରୀନୃସିଂହନାଥଙ୍କ କୃପାରୁ ସମସ୍ତ କାର୍ଯ୍ୟକ୍ରମ ସୁଚାରୂପେ ପରିଚାଳିତ ହୋଇଛି। ଭକ୍ତ ଖୁସିରେ ଫେରିଛନ୍ତି।

**ଦୁର୍ଯ୍ୟୋଧନ ପୁଟା, ସାମାଜିକ କର୍ମୀ**



ଅନ୍ୟ ବର୍ଷ ତୁଳନାରେ ଚଳିତ ବର୍ଷ ପ୍ରବଳ ଭିଡ଼ ହୋଇଥିଲା। ମୁଖ୍ୟତଃ ଛତିଶଗଡ଼ ଓ କଳାହାଣ୍ଡି ଅଞ୍ଚଳରୁ ଅଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ମନ୍ଦିର ପରିଚାଳନା କମିଟି ଓ ସମସ୍ତ ସହଯୋଗୀଙ୍କ କାର୍ଯ୍ୟକଳାପ ପ୍ରଶଂଶନୀୟ।

**ଗୌରାଙ୍ଗ ଚରଣ ଦାଶ, ସାମ୍ବାଦିକ**



ସମସ୍ତ ଭକ୍ତ ଖୁସି ପ୍ରକାଶ କରିଛନ୍ତି। ଅଭୂତପୂର୍ବ ଭକ୍ତ ସମାଗମରେ ଦୋକାନ, ବଜାର, ମନୋରଞ୍ଜନ କାର୍ଯ୍ୟକ୍ରମ, ଯାତ୍ରୀଙ୍କ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ବୈଶାଖମେଳା ସରିଗଲା ପରେ ମଧ୍ୟ ଦୋକାନୀ, ବ୍ୟବସାୟୀ ଦୁଇ ଦିନ ପରେ ଘର ବାହୁଡ଼ା କରିବେ।

**ବିଷ୍ଣୁଚରଣ ପଶାୟତ, ନୃସିଂହନାଥ ମନ୍ଦିର**

# ମାଁ ଶକ୍ତିଶାଳୀ ଯୁବକ ସଂଘର ବାର୍ଷିକ ଉତ୍ସବ



**ପଦ୍ମପୁର, ୨୫।୫ (ସମିସ):** ପଦ୍ମପୁର ଉପଖଣ୍ଡ ସାପଲହର ମାଁ ଶକ୍ତିଶାଳୀ ଯୁବକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମାଁ ଶକ୍ତିମୟୀ ଅପେରା ପାର୍ଟି ଚଳିତ ବର୍ଷର ସୁପର ହିଟ୍ ନାଟକ 'ମଣିଷ ଗଛର ଛାଇ' ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ଅବସର ପ୍ରାପ୍ତ ସେନା ଅଧିକାରୀ କୃଷ୍ଣଚନ୍ଦ୍ର ପ୍ରଧାନ ଓ ପୁରନ୍ଦର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଯୁବକ ସଂଘ ସଭାପତି ଓ ଅପେରା ପାର୍ଟି ମ୍ୟାନେଜର ଶୋଭା ସାଗର ମେହେର, ସମ୍ପାଦକ ହାରାଧନ ପ୍ରଧାନ, ଉପ ମ୍ୟାନେଜର ଅରୁଣ ପ୍ରଧାନ, କୋଷାଧ୍ୟକ୍ଷ ହିମାଂଶୁ ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ କ୍ଷମାସାଗର ପ୍ରଧାନଙ୍କୁ ଉତ୍ସବରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମର ତଥା ଆଖପାଖର ହଜାର ହଜାର ଦର୍ଶକ ଉପସ୍ଥିତ ଥିଲେ। ଦିବ୍ୟକିଶୋର ବିଶ୍ୱାଳ ଓ ନୁରାଧନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଯୁବକ ସଂଘ ର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସକାଳ THE SAKALA



# ଦେବଗଡ଼ରେ ଶାନ୍ତିଶୃଙ୍ଖଳାରେ ସରିଲା ମତଦାନ









**ଦେବଗଡ଼, ୨୫।୫(ସମିସ)**

ଦେବଗଡ଼ ବିଧାନସଭା ମଣ୍ଡଳୀରେ ଶନିବାର ଶାନ୍ତି ଶୃଙ୍ଖଳା ସହ ମତଦାନ ସମାପ୍ତ ହୋଇଛି। ଦେବଗଡ଼ ବିଧାନସଭା ମଣ୍ଡଳୀର ୨ ଲକ୍ଷ ୫୧ ହଜାର ୩୯୪ ଭୋଟରଙ୍କ ପାଇଁ ୩୩୮ ବୁଥ୍‌ରେ ୨୨୫୬ କର୍ମଚାରୀଙ୍କ ସହାୟତାରେ ମତଦାନ ପ୍ରକ୍ରିୟା ସମ୍ପନ୍ନ କରାଯାଇଛି। ସକାଳେ ସମସ୍ତ ରାଜନୈତିକ ଦଳ ପ୍ରାର୍ଥୀ ନିଜ ନିଜ ସପକ୍ଷରେ ମତଦାନ କରିଥିଲେ। ପ୍ରବଳ ଖରା ସତ୍ତ୍ୱେ ଭୋଟରଙ୍କ ମଧ୍ୟରେ ମତଦାନ ପାଇଁ ଉତ୍ସାହ ଥିବା ପରିଲକ୍ଷିତ ହୋଇଥିଲା। ବିଭିନ୍ନ ବୁଥ୍‌ରେ ଭୋଟରଙ୍କ ଲମ୍ବା ଧାଡି ଲାଗିରହିଥିଲା। ଏଣୁ ନିର୍ଦ୍ଧାରିତ ସମୟ ସୁଦ୍ଧା ମତଦାନ ପ୍ରକ୍ରିୟା ସମାପ୍ତ ହୋଇ ପାରି ନ ଥିଲା। ପୌରାଞ୍ଚଳରେ ୧୭, ରିଆମାଳ ବ୍ଲକରେ ୧୦୮, ବାରକୋଟ ବ୍ଲକରେ ୧୧୬, ଓ ତିଳେଇବଣି ବ୍ଲକରେ ୯୭ଟି ବୁଥ ଖୋଲା ଯାଇଥିଲା। ସେଥିମଧ୍ୟରୁ ୪୦ଟି ସଖୀ ବୁଥ୍, ୪୮ଟି ଆଦର୍ଶ ବୁଥ୍ ଓ ୨୦୩ଟି ସିସି କ୍ୟାମେରା ବୁଥ୍ ସ୍ଥାପନ କରାଯାଇଥିଲା। ରାତି ୯ଟା ସୁଦ୍ଧା ୭୦ଟି ପୋଲିଂ ପାର୍ଟି ନିଜ ନିଜ ବୁଥ୍‌ର ଇଭିଏମ ଷ୍ଟ୍ରଙ୍ଗରୁମ୍‌ରେ ଜମା କରିଛନ୍ତି। ବିଳମ୍ବିତ ରାତି ସୁଦ୍ଧା ସମସ୍ତ ପୋଲିଂ ପାର୍ଟି ନିଜ ନିଜ ଇଭିଏମ ଷ୍ଟ୍ରଙ୍ଗ ରୁମରେ ଜମା କରିବା କାର୍ଯ୍ୟ ସମାପ୍ତ ହେବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି। ତେବେ ବାରକୋଟ ବ୍ଲକର ଚାରିମଞ୍ଜା ଗ୍ରାମବାସୀ ସେମାନଙ୍କ ବିଭିନ୍ନ ଦାବି ପୂରଣ ହୋଇ ନ ଥିବା ପ୍ରତିବାଦରେ ଭୋଟ ବର୍ଜନ କରଛନ୍ତି।

- ସାଧାରଣ ଭୋଟରଙ୍କ ସହ ପ୍ରାର୍ଥୀ ବି ଭୋଟ୍ ଦେଲେ
- ଷ୍ଟ୍ରଙ୍ଗରୁମ୍‌ରେ ସିଲ୍ ପ୍ରାର୍ଥୀଙ୍କ ଭାଗ୍ୟ
- ଚାରିମଞ୍ଜା ଗ୍ରାମବାସୀଙ୍କ ଭୋଟ୍ ବର୍ଜନ








## ପ୍ରେମ ପ୍ରତାରଣ କରି ଯୁବକ ଗିରଫ

**ଝାରସୁଗୁଡ଼ା, ୨୫।୫ (ସମିସ):** ଲଇକେରା ଥାନା ଅଞ୍ଚଳରେ ଜଣେ ଯୁବତୀକୁ ପ୍ରତାରଣା କରିବା ଅଭିଯୋଗରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି ଲଇକେରା ପୁଲିସ। ଲଇକେରା ଥାନା ଅଞ୍ଚଳରେ ଜଣେ ଯୁବତୀକୁ ଝାରସୁଗୁଡ଼ା ଇବ୍ ଅଞ୍ଚଳର ଅରବିନ୍ଦ ପ୍ରଧାନ ଗତ ୨୦୨୨ ମସିହାରେ ନିଜ ପତ୍ନୀ ଥାଇ ମଧ୍ୟ ବିଭିନ୍ନ ବାହାନା କରି ଏକ ମନ୍ଦିରରେ ଲୁଚି ଛପି ବିବାହ କରିଥିଲା। ଏମିତିକି ଝାରସୁଗୁଡ଼ାରେ କିଛିଦିନ ଏକ ଭଡ଼ାଘରେ ମଧ୍ୟ ରଖିଥିଲା। ଏହାପରେ ଅରବିନ୍ଦ ଯୁବତୀର ମୋବାଇଲ ଫୋନ ମଧ୍ୟ ଉଠାଇ ନ ଥିଲା। ବାଧ୍ୟ ହୋଇ ଯୁବତୀ ଜଣକ ଲଇକେରା ଥାନାରେ ଗତ ୨୨ ତାରିଖରେ ଅଭିଯୋଗ କରିବାପରେ ପୁଲିସ ଅବରିନ୍ଦକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।

## ଗାଧୁଆ ଘରେ ନାବାଳକର ଆତ୍ମହତ୍ୟା

**ଝାରସୁଗୁଡ଼ା, ୨୫।୫(ସମିସ):** ଝାରସୁଗୁଡ଼ା ସଦର ଥାନା ଏକାତାଲିରେ ଜଣେ ୧୬ ବର୍ଷର ନାବାଳକ ଗାଧୁଆ ଘରେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ବାପା ଉଠି ପାଇଖାନା ଯାଇଥିବାବେଳେ ନାବାଳକ ଜଣକ ପାଇଖାନାରେ ଏକ ଚୁନରୀରେ ଆତ୍ମହତ୍ୟା କରିଥିବା ଦେଖି ପୁଲିସକୁ ଜଣାଇଥିଲେ। ପୁଲିସ ଶନିବାର ସକାଳେ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଟ୍ରେନ୍‌ରେ କଟି କର୍ମଚାରୀଙ୍କ ମୃତ୍ୟୁ

**ଝାରସୁଗୁଡା, ୨୫।୫(ସମିସ):** ଦକ୍ଷିଣପୂର୍ବ ହାୱାଡା-ବମ୍ବେ ରେଳପଥ ଚକ୍ରଧରପୁର ଡିଭିଜନ ଅଧୀନ ଧୁତରା-ବାଗଡ଼ିହି ରେଳ ଷ୍ଟେସନ ମଝିରେ ଥିବା ପାନପାଳି ହଲଟିଂ ନିକଟରେ କାର୍ଯ୍ୟରତ ଜଣେ ଅସ୍ଥାୟୀ କର୍ମଚାରୀଙ୍କ ଟ୍ରେନ୍‌ରେ କଟି ମୃତ୍ୟୁ ଘଟିଛି। ବାଗଡ଼ିହି ପଟରୁ ଦ୍ରୁତଗତିରେ ଆସୁଥିବା ଲୋକମନ୍ୟ ତିଳକ ଧକ୍କା ଦେଇଥିଲା।

## ପାୱାର ହାଉସ୍ ରାସ୍ତା କାମ ସମ୍ପନ୍ନ



**ଝାରସୁଗୁଡ଼ା, ୨୫।୫(ସମିସ) :** ଝାରସୁଗୁଡ଼ା ସହରର ପାୱାର ହାଉସ୍ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇଛି। ଏହି ରାସ୍ତା ଦେଇ ପ୍ରତିଦିନ ପାୱାର ହାଉସ୍ ମରାକୁଟା ଜମେରା ଜମାପାଲି ସମେତ ବିଭିନ୍ନ ଗ୍ରାମର ହଜାର ହଜାର ଲୋକ ସହରକୁ ଆସୁଥିବା ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବାରମ୍ବାର ଅଭିଯୋଗ କଲାପରେ ରାସ୍ତା ଉପରେ ପିଚୁ ଢ଼ାଳି ରାସ୍ତା କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ସରବାହାଲ ତଥା ଆଖପାଖ ଅଞ୍ଚଳର ଲୋକେ ଝାରସୁଗୁଡା ବିଧାୟିକା ଦିପାଳି ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସରବାହାଲ-ଗୌଡପଡ଼ା ରାସ୍ତା ଶୋଚନୀୟ

**ଝାରସୁଗୁଡ଼ା, ୨୫।୫(ସମିସ):** ଝାରସୁଗୁଡ଼ା ସହରର ସର୍ୱାହାଲ ଗୌଡପଡ଼ା ମୁଖ୍ୟ ରାସ୍ତା ଅବସ୍ଥା ଦୀର୍ଘ ଦିନରୁ ଶୋଚନୀୟ ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ଏହି ମୁଖ୍ୟ ରାସ୍ତାରେ ବଡ଼ ଗାତ ହେବା ଫଳରେ ଗାଡ଼ି ଚାଳକ ସମେତ ବାଟୋଇ ଯିବା ଆସିବା ସମୟରେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଛୋଟ୍ ବଡ଼ ଦୁର୍ଘଟଣା ଘଟୁଥିବାର ପରିଲକ୍ଷିତ ହେଉଛି। ରାତି ସମୟରେ ଲାଇଟ୍ ଜଳୁ ନ ଥିବାରୁ ଗାଡ଼ି ଚାଳକ ମାନେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ବର୍ଷା ସମୟରେ ରାସ୍ତା ଉପର ଗାତ ଉପରେ ପାଣି ଜମୁଥିବାରୁ ଲୋକେ ଯିବାଆସିବା ସମୟରେ ନାହିଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଜନସାଧାରଣ ରେ ଦୀର୍ଘ ଦିନରୁ ଦାବି ହେଉଛି।



## ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ



**ବ୍ରଜରାଜନଗର, ୨୫।୫(ସମିସ):** ବ୍ରଜରାଜନଗର ଏମ୍‌ସିଏଲ୍ ଜିଏମ୍ ଅଫିସ ପରିସର ରବୀନ୍ଦ୍ର ଭବନରେ ଭାରତ ସ୍ୱାଭିମାନ ଟ୍ରଷ୍ଟ ତରଫରୁ ଆୟୋଜିତ ଦୁଇ ଦିନିଆ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ଅନ୍ତର୍ଜାତୀୟସ୍ତରର ଖ୍ୟାତନାମା ଯାଦୁଗର ଏସ ଶ୍ରୀକାନ୍ତଙ୍କ ଦ୍ୱାରା ପ୍ରଦର୍ଶିତ ମ୍ୟାଜିକ ଶୋ' ଆକର୍ଷଣର କେନ୍ଦ୍ର ପାଲଟିଥିଲା। ପ୍ରଶାନ୍ତ ପ୍ରଧାନ, ଯୁବରାଜ ସାହୁ, ପ୍ରଶାନ୍ତ ପାଲଟା ସିଂ, ହରିଶଚନ୍ଦ୍ର ବାଧବା, ନାଇସ୍ କମ୍ପ୍ୟୁଟରର ନିର୍ଦ୍ଦେଶକ ସୁଶୀଲ ପୁରୋହିତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ ମିଶ୍ର ଓ ଓମ୍‌ପ୍ରକାଶ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପୁଷ୍ପା ଶ୍ରୀବାସ୍ତବଙ୍କୁ ସମ୍ମାନିତ କରାଯାଇଥିଲା।






## କମ୍ପାନୀ ବସ୍ ସହ ହାଇୱା ଧକ୍କା



**ଝାରସୁଗୁଡ଼ା, ୨୫।୫ (ସମିସ):** ରମ୍ପେଲା ବ୍ରିଜ୍ ନିକଟରେ ଏକ ହାଇୱା ସହିତ ବସ୍ ଧକ୍କା ହୋଇଛି। ଏଥିରେ ଦୁଇଜଣ ବସ୍‌ଯାତ୍ରୀ ଆହତ ହୋଇଛନ୍ତି। ସାହାଜବାଲ ଜେଏସ୍‌ଡବ୍ଲ୍ୟୁ ଇନ୍ଦବାରାଥରୁ କର୍ମଚାରୀଙ୍କୁ ନେଇ ଯାଉଥିବା ଏକ କମ୍ପାନୀ ବସ୍ ସହିତ ଏକ ହାଇୱା ଧକ୍କା ହୋଇଥିଲା। ଫଳରେ ଦୁଇ ବସ୍ ଯାତ୍ରୀ ଆହତ ହୋଇଛନ୍ତି। ସମସ୍ତଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି।

## ଅଳିଆ ଆବର୍ଜନାରେ ଭର୍ତ୍ତି ହେଲାଣି ନାଳ

**ଝାରସୁଗୁଡ଼ା, ୨୫।୫(ସମିସ) :** ଝାରସୁଗୁଡ଼ା ସହରର ସର୍ୱାହାଲ ରେଳ ଫାଟକ ଠାରୁ ଗ୍ୟାରେଜ ପର୍ଯ୍ୟନ୍ତ ଅଇଳା ଆବର୍ଜନାରେ ଭର୍ତ୍ତି ହୋଇଗଲାଣି ନାଳ। ଦୀର୍ଘ ବର୍ଷରୁ ଏହି ନାଳ ସଫା ନ ହେବା ଫଳରେ ଅଇଳା ଆବର୍ଜନା ସହିତ ମାଟିରେ ମିଶିଗଲାଣି। ବର୍ଷା ସମୟରେ ନାଳରେ ପାଣି ନିଷ୍କାସନ ନ ହେବାରୁ ରାସ୍ତା ଉପରେ ପାଣି ଜମୁଛି। ପୌରପରିଷଦକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ ପାଇଁ ଆଗେଇ ଆସୁ ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି।



# ଚୂଆ ପାଣି ଶୋଷ ମେଣ୍ଟାଉଛି

**ଝାରସୁଗୁଡ଼ା, ୨୫।୫(ସମିସ)**

ରାଜ୍ୟର ଅନ୍ୟତମ ବିକଶିତ ଜିଲ୍ଲା ଝାରସୁଗୁଡ଼ାରେ ଲୋକଙ୍କ ମୁଣ୍ଡପିଛା ଆୟ ଅଧିକ ରହିଛି। କିନ୍ତୁ ଏଠି ଜୀବନ ଜନ୍ତ୍ରଣା ମଧ୍ୟ ଅଧିକ ରହିଛି। ଦିନକୁ ଦିନ ଭୂତଳ ଜଳସ୍ତର ନିମ୍ନଗାମୀ ହେବାରେ ଲାଗିଛି। ବିଶେଷ ଭାବରେ ବେଲପାହଡ଼ ସହରର ଚାରିପଟେ ଭିଭିନ୍ନ ଶିଳ୍ପ ଓ ଖଣି ଥିବାରୁ ଭୂତଳ ଜଳସ୍ତର ଶୋଷି ନେଉଥିବା ଅଭିଯୋଗ ହୋଇଛି। ଛୁଆଲିବେର୍ଣ୍ଣା ଗ୍ରାମ ନିକଟରେ ଥିବା ବାଘମାର ଓ ରାମଡେରାରେ ଲୋକଙ୍କ ପାଖରେ ପିଇବା ପାଣି ମୁହାଏ ନାହିଁ। ଲୋକେ ଚୁଆପାଣି ଉପରେ ଭରସା କରିବାକୁ ବାଧ୍ୟ ହେଉଛନ୍ତି। ଗାଁର ସମସ୍ତ ନଳକୂପ ଓ ଜଳାଶୟ ଗୁଡ଼ିକ ଶୁଖିଲା ପଡ଼ିଛି। ସେହିପରି କଲୋନୀପଡ଼ାରେ ୨୫ରୁ ଅଧିକ ଭୂମିହୀନ ପରିବାରର ବାସବାସ କରିଆସୁଛନ୍ତି। ଏହି ପଡ଼ାରେ ଗୋଟିଏ ଗଭୀର ନଳକୂପ ସହିତ ଏକ ଓଭରହେଡ଼ ଟ୍ୟାଙ୍କ ମଧ୍ୟ ରହିଛି। ହେଲେ ତାହା ମଧ୍ୟ ଦୀର୍ଘ ଦିନରୁ ଅଚଳ ହୋଇପଡ଼ିଥିବାରୁ ଲୋକେ ପାଣି ବୁନ୍ଦାଏ ପାଇଁ ଅନେକ ହଇରାଣ ହେଉଛନ୍ତି। ବିଶେଷ ଭାବେ ଖରା ଦିନରେ ସ୍ୱଚ୍ଛ ପାଣି ଦୁଇ ବୁନ୍ଦା ପାଇବା ପାଇଁ ପ୍ରତିଦିନ ସଂଘର୍ଷ କରିବାକୁ ପଡ଼ିଥାଏ। ସହରରେ ଥାଇ ମଧ୍ୟ ଏହି ପଡ଼ାବାସୀ ଗାଁ ଭଳି ସୁବିଧା ପାଇପାରୁନାହାଁନ୍ତି। ଭଣ୍ଡାରରୁ ପାଣି ଅଣାଯାଉଛି। ପାଣି ସମସ୍ୟା ଦୂରପାଇଁ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ସନ୍ୟା ରୋହିଦାସ, ଅଚ୍ଚୁତ ନାଏକ, ନେତ୍ରାନନ୍ଦ ଭଏଁଷାଲ, ମଦ୍ଦଳ ସେଠ, କହ୍ନେଇ ରୋହିଦାସ, କୁଇଲାରୁ ଭଏଁଷାଲ, ସନାତନ ଧୁରୁଆ, ଶୁଭା ରୋହିଦାସ ପ୍ରମୁଖ କହିଛନ୍ତି। ତେଣୁ ଏମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଅନୁରୁପ ଭାବରେ ଯୋରାବଗା ଗ୍ରାମର ଝୁପୁଡିପଡ଼ା ହେଉଛି ବେଲପାହାଡ଼ ପୌରପରିଷଦ ୧୬ ନମ୍ବର ଓାର୍ଡର ଏକପଡ଼ା। ସୁବିଧା କହିଲେ ଏଠି କିଛି ନାହିଁ। ଏହି ପଡ଼ାବାସୀଙ୍କ ସବୁଠୁ ବଡ଼ ସମସ୍ୟା ହେଉଛି ପିଇବା ପାଣି। ପଡ଼ାରେ ଥିବା ଦୁଇଟି ନଳକୂପ କେଉଁ କାଳରୁ ଖରାପ ପଡ଼ିଛି। ପାଣି ସମସ୍ୟା ବିଷୟରେ ପଡ଼ାବାସୀ ଅଭିଯୋଗ କଲାପରେ ପୌରପରିଷଦ ପକ୍ଷରୁ ଦୁଇ ତିନି ଦିନରେ ଥରେ ଲେଖାଏଁ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗା ଯାଉଛି। ଯାହା ୩୫ ପରିବାରର ୧୫୦ ଲୋକଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ। ଯାହାଫଳରେ ପଡ଼ାବାସୀମାନେ ପଡ଼ାରୁ ଅନେକ ଦୂରରେ ଥିବା ଲିଲାରୀ ଜୋରରୁ ପିଇବା ତଥା ଅନ୍ୟନ୍ୟ କାମ ପାଇଁ ପାଣି ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି। ହେଲେ ଖରାଦିନ ଆସିବାରୁ ଲିଲିରୀ ନାଳା ଅପରିଷ୍କାର ହେବାସହ ଶୁଖିବାକୁ ଲାଗିଲାଣି। ତେଣୁ ସ୍ୱଚ୍ଛ ପାଣି ଦୁଇ ବୁନ୍ଦା ପାଇବା ପାଇଁ ଝୁପଡ଼ିପଡ଼ାବାସୀ ନାଳା ନିକଟରେ ଚୁଆ ଖୋଲି ପାଣି ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି। ନାଳା କଡରେ ୩ରୁ ୪ଟି ଚୁଆ ଖୋଲି ଏମାନେ ଏବେ ପାଣି ସଂଗ୍ରହ କରୁଛନ୍ତି। ତେବେ ଖରା ବଢ଼ିଲେ ଲିଲାରୀ ନାଳା ଶୁଖିବାସହ ଏମାନେ ତିଆରି କରିଥିବା ଚୁଆ ମଧ୍ୟ ଶୁଖିଯିବ। ତେଣୁ ଖରାଦିନ ପୂର୍ବରୁ କିପରି ପ୍ରତିଦିନ ସ୍ୱଚ୍ଛ ପାଣି ଝୁପଡ଼ିପଡ଼ାକୁ ପହଞ୍ଚାଇହେବ ସେନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉ ବୋଲି ବବିତା ସୁନା, ସାବିତ୍ରୀ ସୁନା ଅଭିଯୋଗ ଦାବି କରିଛନ୍ତି। ବେଲପାହାଡ଼ ପୌରପରିଷଦ କାର୍ଯ୍ୟାଳୟରୁ ମାତ୍ର ୫ରୁ ୭ କିମି ଦୂରରେ ଥିବା ଯୋରାବଗା ଗ୍ରାମର ଏହି ଝୁପୁଡିପଡ଼ାବାସୀଙ୍କ ସମସ୍ୟା ଯେ କେବଳ ପାଣି ତାହା ନୁହେଁ। ଏହିପଡ଼ାବାସୀଙ୍କୁ ଆଜି ଯାଏଁ ବିଦ୍ୟୁତ ସଂଯୋଗ ମିଳିନାହିଁ। କିଛି ବର୍ଷ ପୂର୍ବରୁ ପଡ଼ାରେ ସୋଲାର ଲାଇଟର ବ୍ୟବସ୍ଥା କରାଯାଇଥିଲା। ହେଲେ ତାହା ମଧ୍ୟ ତିନି ମାସ ଚାଲିବା ପରେ ଖରାପ ହୋଇ ପଡ଼ିଛି। ଅନ୍ୟପଟେ ଏହି ପଡ଼ାକୁ ଯାତାୟାତ କରିବା ପାଇଁ ଭଲ ରସ୍ତା ମଧ୍ୟ ନାହିଁ। ରାସ୍ତା ନଥିବାରୁ ପଡ଼ାକୁ ଆମ୍ବୁଲାନ୍ସ ମଧ୍ୟ ଆସି ପାରେ ନାହିଁ। ପୌରାଞ୍ଚଳରେ ଥାଇ ମଧ୍ୟ କୌଣସି ସୁବିଧା ପାଇ ପାରିନାହାନ୍ତି ଝୁପୁଡିପଡ଼ାବାସୀ। ଏଠାକାର ପ୍ରାୟ ସମସ୍ତେ ଦିନ ମଜୁରିଆ ଓ ଗରିବ ଶ୍ରେଣୀର ହୋଇଥିବାବେଳେ ନିଜ ସମସ୍ୟାର ଦୂରିକରଣ ପାଇଁ ବାରମ୍ବାର ପ୍ରଶାସନ ନିକଟକୁ ଦୌଡୁଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ପ୍ରକାଶ କରିଛିନ୍ତି ଝୁପୁଡିପଡ଼ାବାସୀ। ରାସ୍ତାଘାଟ ନ ଥିବା ଓ ବିଦ୍ୟୁତ ସଂଯୋଗ ନ ମିଳିବା ନିଶ୍ଚିତ ଭାବରେ ବିଡମ୍ବାନର ବିଷୟ। ଏନେଇ ପ୍ରଶାସନ ପକ୍ଷରୁ ଏହି ଗ୍ରାମବାସୀଙ୍କୁ ପିଇବା ପାଣି ଭଳି ମୌଳିକ ଅଧିକାର ଯୋଗାଇଦେବାକୁ ଦାବି ହୋଇଛି।





